ବର୍ଷ-୨୬, ସଂଖ୍ୟା-୨୦୫
ଭୁବନେଶ୍ୱର
ଜୁଲାଇ ୩୧, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 205
Bhubaneswar
July, 31 2026, Friday
Page-08, Rs.: 2.00

ମହାଭାରତ
RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ନିଦ ଉଡ଼ାଇଲା ମହାନଦୀ ବନ୍ୟା

ଭୁବନେଶ୍ୱର,୩୦।୭(ମହାଭାରତ): ଏପଟେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତିରେ ସୁଧାର ଆସିନଥିବାବେଳେ ସେପଟେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ମହାନଦୀରେ ଏକ ମଧ୍ୟମ ଧରଣର ବନ୍ୟା ଆସିବା ନେଇ ଚେତାବନୀ ଜାରି କରିଛି ଜଳ ସମ୍ପଦ ବିଭାଗ । ଏହା ଦ୍ୱାରା କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ସ୍ଥାନ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ।

ଜଳ ସମ୍ପଦ ସର୍ବୋଚ୍ଚ ସୂଚନା ଦେଇଛନ୍ତି ଯେ ଆଜି ମଧ୍ୟାହ୍ନ ସୁଦ୍ଧା ମଧ୍ୟାହ୍ନ ସୁଦ୍ଧା ମୁଣ୍ଡଳୀରେ ୮ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଆଜି ରାତି ସୁଦ୍ଧା ମୁଣ୍ଡଳୀରେ ସାଢେ ୯ ଲକ୍ଷ କ୍ୟୁସେକ୍ ଜଳ ପ୍ରବେଶ କରିବ । ତେଣୁ ମହାନଦୀରେ ଚଳିତ ବର୍ଷର ପ୍ରଥମ ବଡ଼ ବନ୍ୟା ଆସୁଛି । ତେଣୁ ଆଜି ରାତି ଓ ଆସନ୍ତାକାଲି ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି । ଆଗାମୀ ୨୪ ଘଣ୍ଟା ଯାଏଁ ସତର୍କ ରହିବାକୁ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମହାନଦୀରେ ବନ୍ୟା ଯୋଗୁଁ ଶାଖା ନଦୀମାନଙ୍କରେ ବନ୍ୟା ସ୍ଥିତି ଉପୁନ୍ନ ହେବ । ମହାନଦୀର ଶାଖା ନଦୀ ଲୁଣା, କରାଣ୍ଡିଆ, ଚିତ୍ରତ୍ପୋଳା, ପାଇକା, ଦେବୀ, କନ୍ଦଳ, କୁଆଖାଇ, କୁଶଭଦ୍ରା, ଦୟା ଓ ଭାର୍ଗବୀ ନଦୀରେ ଜଳସ୍ତର ବୃଦ୍ଧି ପାଇବ । ଏହା ଦ୍ୱାରା ଉପକୂଳବର୍ତ୍ତୀ ଜିଲ୍ଲା କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ସହିତ ଖୋର୍ଦ୍ଧା ଜିଲ୍ଲା ବାସିନ୍ଦା ପ୍ରଭାବିତ ହେବେ । କଟକ ଆଠଗଡ଼, ବଡ଼ମ୍ବା ଓ ବାଙ୍କି ବ୍ଲକ ବିଶେଷଭାବେ ପ୍ରଭାବିତ ହୋଇପାରେ । ଜଗତସିଂହପୁରର କୁଜଙ୍ଗ, ବାଲିକୁଦା, ଏରସମା, ଓ ତିରତ୍ତୋଲ ପ୍ରଭାବିତ ହେବ । ସେହିପରି କେନ୍ଦ୍ରାପଡ଼ାର ପାଟକୁରା, ଗରଦପୁର ଓ ଆଳି ବ୍ଲକ୍ ମଧ୍ୟ ପ୍ରଭାବିତ ହେବ । ପୁରୀର କଣାସ, ଡେଲାଙ୍ଗ, ନିମାପଡ଼ା, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର ଆଦି ସ୍ଥାନ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାମାନଙ୍କର ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜଳ ସମ୍ପଦ ମୁଖ୍ୟ ଯନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେପଟେ ବୈତରଣୀ, ଜଳକା, ସାଳନ୍ଦୀ, ବ୍ରାହ୍ମଣୀ ଆଦି ନଦୀରେ ବନ୍ୟା ସ୍ଥିତି ସମାନ ରହିଛି । ପୂର୍ଣ୍ଣିମା ଥିବାରୁ ଜଳ ନିଷ୍କାସନରେ ବିଳମ୍ବ ହେଉଛି । ବୈତରଣୀରେ ଧିରେ ଧିରେ ଜଳ ସ୍ତର କମିବା ଆରମ୍ଭ କରିଛି । ଦୁଇ ଦିନ ପୂର୍ବରୁ ଆଖୁଆପଦା ନିକଟରେ ଜଳ ସ୍ତର ବିପଦ ସଙ୍କେତର ଗୋଟିଏରୁ ଦେଢ଼ ମିଟର୍ ଉଚ୍ଚତାରେ ଥିଲା । ମାତ୍ର ବର୍ତ୍ତମାନ ତାହା ବିପଦ ସଙ୍କେତରେ ପ୍ରବାହିତ ହେଉଛି । ସାଳନ୍ଦୀରେ ବନ୍ୟା ସ୍ଥିତି ସମାନ ରହିଛି । ଭଦ୍ରକର ରାଜଘାଟ ନିକଟରେ ୧୮.୮ ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଛି । ସେହିପରି ଜଳକାରେ ବିପଦ ସଙ୍କେତ ୬.୫ ମିଟର୍ ଥିବାବେଳେ ଜଳ ସ୍ତର ୬.୭୨ ମିଟର୍ ରହିଛି ।

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଲି ଜଳଭଣ୍ଡାରକୁ ବିପୁଳ ପରିମାଣର ଜଳ ପ୍ରବେଶ କରୁଥିବାରୁ ଗୁରୁବାର ଚଳିତ ବର୍ଷ ପ୍ରଥମ ଥର ପାଇଁ ରେଙ୍ଗାଲି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ କରାଯାଇଛି । ଜଳସ୍ତର ବୃଦ୍ଧି ପାଇବା ପରେ ଡ୍ୟାମ କର୍ତ୍ତୃପକ୍ଷ ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ଛାଡ଼ିଛନ୍ତି । ସୂଚନା ଅନୁସାରେ, ରେଙ୍ଗାଲି ଜଳଭଣ୍ଡାରର ସର୍ବାଧିକ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୧୨୨.୨୪ ମିଟରରେ ପହଞ୍ଚିଛି । ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ୨,୭୩୫ ଘନ ମିଟର ଜଳ ଡ୍ୟାମକୁ ପ୍ରବେଶ କରୁଛି ।



## ବନ୍ୟା ସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କ ନଜର

ଭୁବନେଶ୍ୱର,୩୦।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ଦୃଷ୍ଟି ରଖିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରଶାସନ ଅହୋରାତ୍ର ନିରନ୍ତର କାର୍ଯ୍ୟ କରୁଛି । ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ସମସ୍ତ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସ୍ଥିତିର ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି । ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ସେବାର ବହୁସଂଖ୍ୟକ ଉଦ୍ଧାରକାରୀ ଟିମ୍‌କୁ କ୍ଷେତ୍ର ସ୍ତରରେ ନିୟୋଜିତ କରାଯାଇଛି । ଜଳବନ୍ଦୀ ଓ ପ୍ରଭାବିତ ଅଞ୍ଚଳରୁ ବ୍ୟାପକ ସଂଖ୍ୟକ ନାଗରିକଙ୍କ ସହ ଗୋସମ୍ପଦକୁ ମଧ୍ୟ ସୁରକ୍ଷିତ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ବନ୍ୟା ବିପନ୍ନଙ୍କ ଆଶ୍ରୟ ଓ ଆହାର ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବହୁସଂଖ୍ୟକ ରିଲିଫ୍ କ୍ୟାମ୍ପ ଓ ରନ୍ଧାଖାଦ୍ୟ କେନ୍ଦ୍ର ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଏହାସହିତ ଜରୁରୀକାଳୀନ ରିଲିଫ୍ ଭାବେ ପର୍ଯ୍ୟାପ୍ତ ପରିମାଣର ଚାଉଳ, ଚୁଡ଼ା ଏବଂ ଗୁଡ଼ ବଣ୍ଟନ କରାଯାଉଛି । ଗୋସମ୍ପଦର ସୁରକ୍ଷା ପାଇଁ ଗୋଖାଦ୍ୟ ଯୋଗାଇ ଦିଆଯାଇଛି । ସମସ୍ତ ସମ୍ପୃକ୍ତ ଅଧିକାରୀ କ୍ଷେତ୍ର ସ୍ତରରେ ରହି ପରିସ୍ଥିତି ନିୟନ୍ତ୍ରଣ ଓ ଲୋକଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି ।

## ଆକାଶ ମାର୍ଗରୁ ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ





ଭୁବନେଶ୍ୱର,୩୦।୭(ମହାଭାରତ): ଆକାଶମାର୍ଗରୁ ହେଲିକପ୍ଟର ଯୋଗେ ବନ୍ୟାଞ୍ଚଳ ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଏବଂ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ବିସ୍ତୃତ ସମୀକ୍ଷା କରିଛନ୍ତି ।

ମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗୁରୁବାର ପୂର୍ବାହ୍ନରେ ରାଜସ୍ୱ ମନ୍ତ୍ରୀ ବନ୍ୟାଞ୍ଚଳ ଗସ୍ତ ପୂର୍ବରୁ ଲୋକସେବା ଭବନଠାରେ ବର୍ଷା ଏବଂ ବନ୍ୟା ପରିସ୍ଥିତି ସମ୍ପର୍କରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ମନ୍ତ୍ରୀ କହିଥିଲେ ଯେ, ୫ ଜିଲ୍ଲାରେ ୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଭଦ୍ରକ,ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା କିଛି ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ମୋଟ ୧ ଲକ୍ଷ ୬୫ ହଜାର ଲୋକ ରିଲିଫ୍ ସେଣ୍ଟରରେ ରହିଛନ୍ତି । ନରାଜରେ ୧୦ ଲକ୍ଷ କ୍ୟୁସେକ ଜଳ ଆସିଲେ ସମସ୍ୟା ଉପୁଜିପାରେ । ତେଣୁ ନରାଜରେ କିଭଳି ୧୦ ଲକ୍ଷ କ୍ୟୁସେକ ଜଳ ଭିତରେ ରଖାଯାଇ ପାରିବ ସେହି ଅନୁସାରେ ବନ୍ୟାଜଳ ପରିଚାଳନା ପାଇଁ ନିର୍ଦ୍ଦେଶ ରହିଛି । ବର୍ତ୍ତମାନ ହୀରାକୁଦରେ ୬୨୦ ଫୁଟ ଜଳସ୍ତର ରହିଛି । ୬୨୨ ଫୁଟ ପର୍ଯ୍ୟନ୍ତ ରଖାଯାଇ ପାରିବ । ଉପରମୁଣ୍ଡରେ ବର୍ଷା ନଥିବାରୁ ସେଭଳି କିଛି ସମସ୍ୟା ନାହିଁ ।

## ରାଜ୍ୟରେ ବନ୍ୟା ସ୍ଥିତି ବେଳେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତକୁ ନବୀନଙ୍କ ସମାଲୋଚନା

ଭୁବନେଶ୍ୱର,୩୦।୭(ମହାଭାରତ): ରାଜ୍ୟରେ ବନ୍ୟା ପରିସ୍ଥିତି ଉପୁନ୍ନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବରିଷ୍ଠ ନେତା ମାନଙ୍କର ଦିଲ୍ଲୀ ଗସ୍ତକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମାଲୋଚନା କରିଛନ୍ତି । ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ନବୀନ ଲେଖିଛନ୍ତି – ଓଡ଼ିଶାରେ ବନ୍ୟାର ବିଭୀଷିକା, ହେଲେ ଓଡ଼ିଶା ବିଜେପିର ନେତାମାନେ ଦିଲ୍ଲୀରେ ଭୋଜି କରୁଛନ୍ତି ?ଲଗାଣ ବର୍ଷା ଯୋଗୁଁ ସାରା ରାଜ୍ୟରେ ବନ୍ୟାର ସ୍ଥିତି ଦେଖାଦେଇଥିବା ବେଳେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଶୀର୍ଷ ନେତା ତଥା ସାଂସଦମାନେ ଏବେ ଦିଲ୍ଲୀରେ । ଏପରି ଅସମୟରେ ନିଜ ଲୋକଙ୍କ ସୁରକ୍ଷାଠାରୁ ଅଧିକ ଗମ୍ଭୀର ବିଷୟ କ'ଣ ହୋଇପାରେ ?

ବନ୍ୟା ପାଇଁ ମୟୂରଭଞ୍ଜ, ବାଲେଶ୍ୱରରୁ ନେଇ ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ୟାରେ ଏକାଧିକ ନିରୀହ ଜୀବନ ଯିବାର ଖବର ଆସିବା ମୋ ସହିତ ସମଗ୍ର ଓଡ଼ିଶାବାସୀଙ୍କୁ ମଧ୍ୟ ବ୍ୟଥିତ କରିଛି । ଏପରି ଅସମୟରେ ଲୋକଙ୍କ ସାଥିରେ ଦୃଢ଼ ଭାବେ ଛିଡ଼ା ହେବା ବଦଳରେ ସରକାରୀ ଅବହେଳାର ମାଳ ମାଳ ଅଭିଯୋଗ ଆସୁଛି ।ସବୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ 'ପ୍ରତିଟି ଜୀବନ ମୂଲ୍ୟବାନ' ହେଉଛି ଓଡ଼ିଶାର ମନ୍ତ୍ର । ଏହି ମନ୍ତ୍ରରେ ସବୁ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରି ଓଡ଼ିଶା ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିଲା । ହେଲେ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ନ କରି ଲୋକେ ନିର୍ବାଚିତ କରିଥିବା ପ୍ରତିନିଧିମାନେ ଲୋକଙ୍କ ହାତ ଛାଡ଼ିଦେବା ସଭିଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ ।

## କାନପୁର ଡ୍ୟାମ୍‌ରେ କୌଣସି ପ୍ରକାରର ଫାଟ ନାହିଁ

କେନ୍ଦୁଝର/ଭୁବନେଶ୍ୱର,୩୦।୭(ମହାଭାରତ): କାନପୁର ଡ୍ୟାମ୍‌ରେ ଫାଟ ବା ଗଠନମୂଳକ ତ୍ରୁଟି ଦେଖାଦେଇଥିବା ନେଇ କିଛି ବୈଦ୍ୟୁତିକ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ବିଭ୍ରାନ୍ତିକର ତଥା ଅସତ୍ୟ ଖବର ଉପରେ ଜଳ ସମ୍ପଦ ବିଭାଗ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି ।



ଜଳ ସମ୍ପଦ ଓ ଜିଲ୍ଲା ପ୍ରଶାସନ ସ୍ପଷ୍ଟ ଭାବେ ଜଣାଇଛି ଯେ, କାନପୁର ଡ୍ୟାମ୍ ରେ କୌଣସି ପ୍ରକାରର ଫାଟ ବା ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ । ପ୍ରସାରିତ ହେଉଥିବା ଏହି ଖବର ସମ୍ପୂର୍ଣ୍ଣ ଭିତିହୀନ ଏବଂ ଏହା ଜନସାଧାରଣଙ୍କ ମଧ୍ୟରେ ବୃଥା ଆତଙ୍କ ସୃଷ୍ଟି କରିବାର ସମ୍ଭାବନା ରହିଛି । ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ଫଳରେ ଏକ ଅସ୍ଥାୟୀ କଫରଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି । ଏହି କଫରଡ୍ୟାମ୍ ଟି ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ମୁଖ୍ୟ ଡ୍ୟାମ୍ ଭିତରେ ତିଆରି କରାଯାଇଥିବା ଏକ ଅସ୍ଥାୟୀ ସହାୟକ ଢାଂଚା । ଏହା ମୁଖ୍ୟ ଡ୍ୟାମ୍ ର ଅଂଶ ବିଶେଷ ନୁହେଁ । ତେଣୁ ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତି କିମ୍ବା କାନପୁର ଡ୍ୟାମ୍ ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ ।

ଜୁଲାଇ ୩୦ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି, ଯାହା ଡ୍ୟାମ୍ ର ସର୍ବୋଚ୍ଚ ସ୍ତର (୪୨୮.୦୦ ମିଟର) ଠାରୁ ଅଧିକ ହେଲେ ମଧ୍ୟ ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦.୦୦ ମିଟର ଠାରୁ ଯଥେଷ୍ଟ କମ୍ ଅଛି । ବର୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁମେକ୍ ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି । ପ୍ରବେଶ ଅପେକ୍ଷା ଜଳ ନିଷ୍କାସନ ଅଧିକ ପରିମାଣରେ ହେଉଥିବାରୁ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ ଏବଂ ଏହା ଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ । ଏହି ଜଳ ପ୍ରବାହ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, କେନ୍ଦୁଝର ସଦର ଏବଂ ପାଟଣା ଦେଇ ଗତି କରିବ ଏବଂ ଜୁଲାଇ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୫:୦୦ ଘଂଟା ସମୟରେ ଆନନ୍ଦପୁର ବ୍ୟାରେଜ୍ ରେ ପହଂଚିବ ବୋଲି ଅନୁମାନ କରାଯାଉଛି । ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସମ୍ପୃକ୍ତ ସମସ୍ତ ବିଡିଓ ଏବଂ ତହସିଲଦାରମାନଙ୍କୁ ଆଲର୍ଟ କରାଯାଇଛି ଏବଂ ମାଇକ୍ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଇଛି ।

## ଲୋକସଭାରେ ବନ୍ଦେ ମାତରମ ବିଲ୍ ପାସ୍

ନୂଆଦିଲ୍ଲୀ,୩୦।୭(ମହାଭାରତ): ରାଜ୍ୟସଭା ପରେ ଲୋକସଭାରେ ପାରିତ ହୋଇଛି ଭାରତର ଜାତୀୟ ସଂଗୀତ ବନ୍ଦେ ମାତରମ ସହ ଜଡିତ ବିଲ୍ । ବନ୍ଦେ ମାତରମକୁ ଅପମାନିତ କିମ୍ବା ଏହା ଗାନ ହେଉଥିବା ସମୟରେ ବାଧା ସୃଷ୍ଟି କଲେ ଏହାକୁ ଅପରାଧିକ ମାମଲା ଭାବେ ବିବେଚନା କରାଯିବ ।ଦିନକ ତଳେ ପ୍ରିଭେନ୍ସନ ଅଫ୍ ଇନସଲ୍ଟସ୍ ଟୁ ନ୍ୟାସନାଲ୍ ହନର (ସଂଶୋଧନ) ବିଲ୍ ୧୯୭୧ ରାଜ୍ୟସଭାର ଅନୁମୋଦନ ହାସଲ କରିଥିଲା । ଆଜି ଲୋକସଭାରେ ଅଳ୍ପ ସମୟର ବିତର୍କ ସହ ଏହା ପାସ୍ ହୋଇଛି । ସେହିପରି ରାଜ୍ୟସଭାରେ ବାଚନିକ ଭୋଟରେ ପେପର ଲିକ୍ ବିରୋଧୀ ବିଲ୍‌କୁ ପାରିତ ହୋଇଛି ।

ଏବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଏହା ପଠାଯିବ । ସେ ଏଥିରେ ମୋହର ମାରିବା ମାତ୍ରେ ପ୍ରିଭେନ୍ସନ ଅଫ୍ ଇନସଲ୍ଟସ୍ ଟୁ ନ୍ୟାସନାଲ୍ ହନର (ସଂଶୋଧନ) ବିଲ୍ ୧୯୭୧ ଆଇନରେ ପରିଣତ ହୋଇଯିବ ।

ପ୍ରିଭେନ୍ସନ ଅଫ୍ ଇନସଲ୍ଟସ୍ ଟୁ ନ୍ୟାସନାଲ୍ ହନର (ସଂଶୋଧନ) ବିଲ୍ ୧୯୭୧ ଆଇନରେ ପରିଣତ ହେଲେ ବନ୍ଦେ ମାତରମକୁ ଜାତୀୟ ସଙ୍ଗୀତ ଜନ ଗଣ ମନ, ତ୍ରିରଙ୍ଗା ପତାକା ଓ ସମ୍ବିଧାନ ପରି ସମାନ ଆଇନଗତ ସୁରକ୍ଷା ମିଳିବ ।

ବର୍ତ୍ତମାନର ୧୯୭୧ ମସିହାର ଆଇନ ଅନୁଯାୟୀ ଜାତୀୟ ସଙ୍ଗୀତକୁ ଅପମାନ କରିବା, ଗାନରେ ବାଧା ସୃଷ୍ଟି କରିବା କିମ୍ବା ବିଘ୍ନ ଘଟାଇବା ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ଜରିମାନାର ବ୍ୟବସ୍ଥା ରହିଛି ।ନୂଆ ବିଲ୍ ମାଧ୍ୟମରେ ବନ୍ଦେ ମାତରମକୁ ମଧ୍ୟ ଏହି ଆଇନର ପରିସରରେ ଅଣାଯାଇଛି । ଜାତୀୟ ସଙ୍ଗୀତର ୧୫୦ତମ ବର୍ଷପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସରକାର ଗତ କିଛି ମାସ ଧରି ବନ୍ଦେ ମାତରମକୁ ଅଧିକ ଗୁରୁତ୍ୱ ଦେଇଆସୁଛନ୍ତି ।ଚଳିତ ବର୍ଷ ଫେବୃଆରୀରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା ଯେ ଯେଉଁ ସରକାରୀ କାର୍ଯ୍ୟକ୍ରମରେ ଜନ ଗଣ ମନ ବଜାଯାଏ କିମ୍ବା ଗାନ କରାଯାଏ ସେଠାରେ ବନ୍ଦେ ମାତରମ ମଧ୍ୟ ଗାଇବା କିମ୍ବା ବଜାଇବା ବାଧ୍ୟତାମୂଳକ ହେବ । ରାଜନୀତିକ ବିଶ୍ଳେଷକଙ୍କ ମତରେ ଏହା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନଜରରେ ରଖି ବିଜେପିର ଏକ ରଣନୀତିକ ପଦକ୍ଷେପ ଥିଲା । ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୮୭୫ ମସିହାରେ ଏହି ଗୀତ ରଚନା କରିଥିଲେ ଓ ୧୮୮୨ ମସିହାରେ ତାଙ୍କ ଉପନ୍ୟାସ ଆନନ୍ଦମଠରେ ଏହା ପ୍ରକାଶିତ ହୋଇଥିଲା ।

ଚଳିତ ମାସ ଆରମ୍ଭରେ ଗୃହ ମନ୍ତ୍ରଣାଳୟ ପୁଣି ରାଜ୍ୟଗୁଡ଼ିକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲା ଯେ ଯଦି ଯଦି ଜାତୀୟ ସଂଗୀତ ଓ ଜାତୀୟ ଗୀତ ସମାନ ଭାବେ ପରିବେଷଣ ହୁଏ, ତେବେ ପ୍ରଥମେ ବନ୍ଦେ ମାତରମ୍ ଓ ପରେ ଜନ ଗଣ ମନ ଗାନ କରାଯିବ । ବନ୍ଦେ ମାତରମର ସମସ୍ତ ୬ଟି ଷ୍ଟାଞ୍ଜା ପ୍ରାୟ ୩ ମିନିଟ୍ ୧୦ ସେକେଣ୍ଡର ଗୀତ ସମ୍ପୂର୍ଣ୍ଣ ଭାବେ ଗାଇବାକୁ ଚିଠିରେ କୁହାଯାଇଥିଲା ।

୧୯୩୭ ମସିହାରେ ଜବାହରଲାଲ ନେହରୁଙ୍କ ନେତୃତ୍ୱରେ କଂଗ୍ରେସ କେବଳ ପ୍ରଥମ ଦୁଇଟି ଷ୍ଟାଞ୍ଜାକୁ ବ୍ୟବହାର କରିବାର ନିଷ୍ପତ୍ତି ନେଇଥିଲା । ପରବର୍ତ୍ତୀ ଷ୍ଟାଞ୍ଜାଗୁଡ଼ିକରେ ହିନ୍ଦୁ ଦେବୀଙ୍କ ଉଲ୍ଲେଖ ଥିବାରୁ ମୁସଲିମ ସଂପ୍ରଦାୟର କିଛି ଗୋଷ୍ଠୀ ଏହା ଉପରେ ଆପତ୍ତି ଉଠାଇଥିଲେ । ଏଥିପାଇଁ କଂଗ୍ରେସ ସରକାର ଏପରି ପଦକ୍ଷେପ ନେଇଥିଲେ । କିନ୍ତୁ ଏବେ ବିଜେପି ସରକାର ଏହାକୁ ବାଧ୍ୟତାମୂଳକ କରିଛନ୍ତି ।

## ଖୁବଶୀଘ୍ର ମହାନଦୀ ଜଳ ବିବାଦର ସମାଧାନ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୦।୭(ମହାଭାରତ): 'ଦୀପାବଳି ବେଳକୁ ଛତିଶଗଡ ସହିତ ମହାନଦୀ ଜଳ ବିବାଦର ସମାଧାନ ନିଶ୍ଚିତ ଭାବେ ହୋଇଯିବ ।' ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର. ପାଟିଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚ ସ୍ତରୀୟ ବୈଠକରେ ଯୋଗ ଦେବା ପରେ ଏହି କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେବ ସାଏ ଓ ଦୁଇ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଏହି ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳଙ୍କ ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷକୁ ଦୃଢ଼ତାର ସହ ଉପସ୍ଥାପନ କରାଯାଇଛି । ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଭିମୁଖ୍ୟ ମାଧ୍ୟମରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ, ଆପୋଷ ଓ ସନ୍ତୋଷଜନକ ସମାଧାନ ବାହାର କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ।

ସେ କହିଛନ୍ତି ଯେ କେନ୍ଦ୍ର ଜଳ ଆୟୋଗଙ୍କ ଉପସ୍ଥିତିରେ ଆଲୋଚନା ହେବ । ଏହି ଆଲୋଚନା ଅଧିକାରୀ ସ୍ତରରେ ବି ହେବ । ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ଆଲୋଚନା ଜାରି ରହିବ । ସେ ଆଶା କରୁଛନ୍ତି ଯେ ଏହି ୩ ମାସ ମଧ୍ୟରେ ମହାନଦୀ ଜଳ ବଣ୍ଟନ ଓ ପରିଚାଳନାକୁ ନେଇ ଓଡିଶା ଓ ଛତିଶଗଡ ମଧ୍ୟରେ ଯେଉଁ ସମସ୍ୟାଗୁଡିକ ରହିଛି, ତା'ର ସମାଧାନ କରାଯିବ । ଛତିଶଗଡ ସରକାର ବି ଏଥିରେ ସହମତି ପ୍ରକାଶ କରିଛନ୍ତି । ଆସନ୍ତା ଦୀପାବଳି ବେଳକୁ ନିଶ୍ଚିତ ଭାବେ ଏହି ସମସ୍ୟାର ସମାଧାନ ହୋଇଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଛତିଶଗଡ ମୁଖ୍ୟମନ୍ତ୍ରୀ ମଧ୍ୟ ସମାନ ଆଭିମୁଖ୍ୟ ରଖିଛନ୍ତି । ଆମେ ପ୍ରଥମରୁ ଏଥିରେ ସହମତ ଥିଲୁ । ଛତିଶଗଡ ମୁଖ୍ୟମନ୍ତ୍ରୀ ବିଳମ୍ବରେ ସହମତ ହେଲେ । ସେ ସହମତ ହେଲା ପରେ ହିଁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଏହି ବୈଠକ ଆହ୍ୱାନ କରିଥିଲେ । ଏହି ବୈଠକରେ ସକାରାତ୍ମକ ଆଲୋଚନା ହୋଇଛି । ଆଗାମୀ ୩ ମାସ ମଧ୍ୟରେ ନିଶ୍ଚିତ ଭାବରେ ଗୋଟିଏ ଭଲ ସିଦ୍ଧାନ୍ତରେ ପହଞ୍ଚିବୁ । ଡ୍ରିପଲ୍ ଇଞ୍ଜିନ୍ ସରକାରରେ ନିଶ୍ଚିତ ଭାବେ ଏହି ବିବାଦର ସମାଧାନ ହେବ ।

## ନଦୀ ବନ୍ଧ ଓ ବ୍ୟାରେଜ୍ ଉପରେ ଭିଡିଓ ମନା

କଟକ/ଭୁବନେଶ୍ୱର,୩୦।୭(ମହାଭାରତ): ବନ୍ୟା ସ୍ଥିତି ସମୟରେ ନଦୀ ବନ୍ଧ ଓ ବ୍ୟାରେଜ୍ ଉପରେ ଭିଡିଓ କରିବା ଉପରେ କଟକଣଣ ଜାରି କରାଯାଇଛି । ଏନେଇ କଟକ ଜିଲ୍ଲାପାଳ ଦତାତ୍ରେୟ ଭାଓସାହେବ ସିନ୍ଧେ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି । ଗୁରୁବାର ଦିନ ଜିଲ୍ଲା ବନ୍ୟା ସ୍ଥିତି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୂଚନା ଦେଇ କହିଛନ୍ତି ଯେ କଟକ ଜିଲ୍ଲାର ଆଠଗଡ଼, ବଡମ୍ବା, ବାଙ୍କୀ, ନିଆଳି, ମାହଙ୍ଗାରେ ପାଣି ପଶିପାରେ । ଏଥିପାଇଁ ଆଠଗଡ଼, ବାଙ୍କୀ ଓ କଟକ ସହର ନଦୀବନ୍ଧ ଲୋକେ ସ୍ଥାନାନ୍ତର ହେବେ । ୪୮ ଘଂଟା ପର୍ଯ୍ୟନ୍ତ ବନ୍ୟା ଆଶ୍ରୟସ୍ଥଳୀରେ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ଆହୁରି କହିଛନ୍ତି ଯେ ନଦୀ ବନ୍ଧ ଓ ବ୍ୟାରେଜ୍ ଉପରେ ଭିଡ଼ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ । କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ୍ କୁ ନିର୍ଦ୍ଦେଶ ଦିଆଯାଇଛି । ନରାଜ ବ୍ୟାରେଜ ଉପରେ ଠିଆ ହୋଇଥିବାରୁ ୩ ଗାଡି ଚାଳକଙ୍କ ଠାରୁ ଫାଇନ ଆଦାୟ କରାଯାଇଛି । ବାଲିଯାତ୍ରା ତଳ ପଡ଼ିଆ ପାଇଁ ମଧ୍ୟ କଟକଣା ହୋଇଛି । ବନ୍ୟା ପ୍ରଭାବିତ ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ । ବନ୍ୟାଂଚଳରେ ଅଗ୍ନିଶମ, ଓଡ୍ରାଫ୍ ଓ ଏନଡିଆରଏଫ୍ ଟିମ୍ ମହଜୁଦ ରହିଛନ୍ତି ।

## ଭେଜ ପନିୟାରମ

ସାମଗ୍ରୀ: ଇଡ଼ଲି ବ୍ୟାଟର , ଗାଜର , ଧନିଆ ପତ୍ର, କଟା ଅଦା , ରିଫାଇନ ତେଲ, କଟା ପିଆଜ , ବନ୍ଧା କୋବି ,ପୁଦିନା ପତ୍ର, କଞ୍ଚା , ଲୁଣ

ପ୍ରସ୍ତୁତି ପ୍ରଣାଳୀ: ଏହି ରେସିପି ତିଆରି କରିବା ଲାଗି ସର୍ବପ୍ରଥମେ ଏକ କାଚ ପାତ୍ରରେ ଇଡ଼ଲି ବ୍ୟାଟର ଢାଳନ୍ତୁ। ଏହାପରେ ପିଆଜ , ଗାଜର , ଧନିଆ ପତ୍ର, ପୁଦିନା ପତ୍ର, ଅଦା , ଅଟା, କଞ୍ଚାଲଙ୍କା, ବନ୍ଧା କୋବି ଓ ଲୁଣ ପକାଇ ଲଭ ଭାବେ ମିଶାଇ ଦିଅନ୍ତୁ। ଆପଣ ଏଥିରେ ଚାଟ ମସଲା ମଧ ପକାଇପାରିବେ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ସାରିବା ପରେ ଏହାକୁ ୧୫ ରୁ ୨୦ ମିନିଟ ଅଲଗା ରଖି ଦିଅନ୍ତୁ। ଯାହାଫଳରେ ଏହା ଭଲ ଭାବେ ଫର୍ମେଟ ହୋଇଯିବ। ବ୍ୟାଟର ଅଧିକ ମୋଟା ହୋଇଯାଇଥିଲେ ଏଥିରେ ଅଳ୍ପ ପାଣି ମିଶାଇପାରିବେ। ଏହାପରେ ପନିୟାରମ ମେକରରେ ଅଳ୍ପ ରିଫାଇନ ତେଲ ଦିଅନ୍ତୁ। ବ୍ୟାଟର ଢାଳନ୍ତୁ। ଏହି କଣ୍ଟେନରକୁ ଢାଙ୍କୁଣୀରେ ଘୋଡ଼ାଇ ମଧ୍ୟମ ଢାଞ୍ଚାରେ ଗରମ କରନ୍ତୁ। କିଛି ସମୟ ପରେ ଏହାକୁ ଲେଉଟାଇ ଅପରପାର୍ଶ୍ୱକୁ ମଧ୍ୟ ସିଝିବାକୁ ଦିଅନ୍ତୁ। ପନିୟାରମ ନ ଫୁଲିବା ଯାଏ ଏହାକୁ ସିଝିବାକୁ ଦିଅନ୍ତୁ। ଛୁରି କିମ୍ବା ଚାମଚରେ ପନିୟାରମ୍‌କୁ ପ୍ଲେଟକୁ ବ୍ୟବହାର କରି ନିଜ ପସନ୍ଦର ଚଟଣୀ ସହିତ ଖାଆନ୍ତୁ ଏବଂ ଖୁଆନ୍ତୁ।



ଖବର

## ଭୂତ ଚଳଚ୍ଚିତ୍ରରେ ଜ୍ୟାକଲିନ



ଲଗାତାର ଦୁଇଟି ହାସ୍ୟରସାତ୍ମକ ଚଳଚ୍ଚିତ୍ରରେ ଅଭିନୟ କରିବା ପରେ ଜ୍ୟାକଲିନ୍ ଫର୍ନାଣ୍ଡିଜ୍ ଏକ ଭୂତ କାହାଣୀରେ ଅଭିନୟ କରିବା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଏହି ନିଷ୍ପତ୍ତି ପଛର କାରଣ ହେଲା ସେ ଚିରାଚରିତ ଧାରାରୁ ବାହାରି ଭିନ୍ନ କିଛି କରିବାକୁ ଚାହାନ୍ତି। ନାମକରଣ ହୋଇ ନଥିବା ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ଖ୍ୟାତି ମଦାନୟ ଏହାର କାହାଣୀ ୧୯୬୪ ମସିହାର ଲୋକପ୍ରିୟ ରହସ୍ୟ ଚଳଚ୍ଚିତ୍ର ‘କୌନ୍ ଥି’ ଭଳି ହେବ ବୋଲି କୁହାଯାଉଛି। ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ଉତ୍ତର ଭାରତର ଏକ ଛୋଟ ସହରରେ ଏହି କାହାଣୀ ଅଭିନୀତ ହେବ।ଏଥିରେ ଜ୍ୟାକ୍ଲିନ୍ ଜଣେ ଆଧୁନିକ କର୍ମଜୀବୀ ମହିଳା ଭାବରେ ଦେଖାଦେବେ, ଯିଏ ବିଭିନ୍ନ ଭୌତିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କାହାଣୀଟି ଅସଲ ଭୌତିକ ଘଟଣା ଉପରେ ପର୍ଯ୍ୟବସିତ। ଏଥିରେ ଜ୍ୟାକ୍ଲିନ୍‌ଙ୍କ ଆକ୍ସନ୍ ବି ଦେଖିବାକୁ ମିଳିବୟ ଏଥିରେ ତାଙ୍କ ସହିତ ଦୁଇ ଜଣ ମୁଖ୍ୟ ଅଭିନେତା ମଧ ରହିବେ। ତେବେ ପ୍ରଯୋଜନା ସଂସ୍ଥା, ନିର୍ଦ୍ଦେଶକ ଓ ଅନ୍ୟ ଅଭିନେତାମାନଙ୍କ ନାମ ଗୋପନୀୟ ରଖିଛି। ସେପ୍ଟେମ୍ବର ମାସରେ ଏ ନେଇ ବିଧିବଦ୍ଧ ଘୋଷଣା ହେବା ପରେ ସୁଟିଂ ଆରମ୍ଭ ହେବୟ ଉଲ୍ଲେଖଯୋଗ୍ୟ, ଜ୍ୟାକ୍ଲିନ୍ ପୂର୍ବରୁ ମାତ୍ର ଦୁଇଟି ଭୂତ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଗୋଟିଏ ହେଉଛି ୨୦୧୫ ମସିହାରେ ମୁକ୍ତିଲାଭ କରିଥିବା ବ୍ରିଟିସ୍ ଚଳଚ୍ଚିତ୍ର ‘ଡେଫିନିସନ୍ ଅଫ୍ ଫିଅର୍’ ଏବଂ ଅନ୍ୟଟି ୨୦୨୧ରେ ବଲିଉଡ୍ ସିନେମା ‘ଭୂତ ପୁଲିସ୍’।

## ରାଜାଙ୍କୁ ଦୀର୍ଘଜୀବୀ କଲେ ସୂର୍ଯ୍ୟଦେବ



ବହୁବର୍ଷ ପୂର୍ବେ ଭାରତ ବର୍ଷର ଏକ ରାଜ୍ୟରେ ରାଜା ରାଜ୍ୟବର୍ଦ୍ଧନ ରାଜୁତି କରୁଥିଲେ । ସେ ଅତ୍ୟନ୍ତ ଧର୍ମାତ୍ମା ତଥା ପ୍ରଜା ହିତୈଷୀ ରାଜା ଥିଲେ । ଥରେ ରାଣୀ ରାଜାଙ୍କ ମୁଣ୍ଡରେ ତେଲ ମାଲିସ୍ କରିବା ବେଳେ ଏକ ପାଚିଲା କେଶ ଦେଖିବାକୁ ପାଇଲେ । ରାଣୀଙ୍କ ମନ ଦୁଃଖ ହେଲା । ରାଜା ଏକଥା ଜାଣିବା ପରେ ରାଣୀଙ୍କୁ କହିଲେ, ଏହା ତ’ ଜୀବନର ନିୟମ । ଜନ୍ମ ହେଲା ପରେ ଶୈଶବ, ଯୁବାବସ୍ଥା ପରେ ବାର୍ଦ୍ଧକ୍ୟ ଆସିଥାଏ । ଏଥିରେ ଚିନ୍ତା କରିବାର କ’ଣ ଅଛି । ଏହାପରେ ଦିନେ ରାଜା ଘୋଷଣା କଲେ, ମୁଁ ବହୁଦିନ ଧରି ନିଷ୍ଠାର ସହ ରାଜ୍ୟ ପାଳନ କରିଛି । ଏବେ ସମୟ ଆସିଗଲାଣି । ମୋତେ ରାଜ ସିଂହାସନ ଛାଡ଼ି ବନବାସ କରିବାକୁ ହେବ । ରାଜା ରାଜ୍ୟବର୍ଦ୍ଧନଙ୍କୁ ପ୍ରଜାମାନେ ଅତି ଭଲ ପାଉଥିଲେ । ସେମାନେ ତାଙ୍କୁ ଛାଡ଼ିବାକୁ ରାଜି ହେଲେ ନାହିଁ । ଏହି ସମୟରେ ଗନ୍ଧର୍ବ ସୁଦାମାଙ୍କ ପରାମର୍ଶ କ୍ରମେ ରାଜ୍ୟବାସୀ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କଲେ । ସୂର୍ଯ୍ୟଦେବ ପ୍ରସନ୍ନ ହେବାରୁ ରାଜ୍ୟବାସୀ ତାଙ୍କ ଠାରେ ରାଜାଙ୍କ ଦୀର୍ଘ ଜୀବନ କାମନା କଲେ । ସୂର୍ଯ୍ୟଦେବ ତଥାସ୍ତୁ କହିଲେ । ମାତ୍ର ରାଜା ଏକଥା ଜାଣିବା ପରେ କହିଲେ, ସେତେବେଳକୁ ରାଣୀଙ୍କର ମୃତ୍ୟୁ ଘଟିସାରିଥିବ । ବନ୍ଧୁବାନ୍ଧବ, ସଖା ସହୋଦର, ପ୍ରଜା ସମସ୍ତେ ଆରପାରିକୁ ଚାଲିଯାଇଥିବେ । ଏତେଦିନ ବଞ୍ଚି ମୁଁ କ’ଣ କରିବି ? ସେ ପୁଣି ଥରେ ତପସ୍ୟା କରିବାରୁ ସୂର୍ଯ୍ୟଦେବ ପ୍ରସନ୍ନ ହୋଇ ରାଜାଙ୍କ ସମେତ ସମସ୍ତ ପ୍ରଜାଙ୍କୁ ଦୀର୍ଘଜୀବୀ ହେବାର ବରଦାନ ଦେଲେ ।

## ଛାତ ଉପରେ ତୁଳସୀ ଗଛ ରଖୁଥିଲେ, ସାବଧାନ

ହିନ୍ଦୁ ଧର୍ମରେ ତଳସୀ ଗଛକୁ ଭଗବାନ କୃଷ୍ଣଙ୍କ ସ୍ୱରୂପ ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପ୍ରାୟ ସମସ୍ତଙ୍କ ଘରେ ତୁଳସୀ ଗଛକୁ ପୂଜା କରାଯାଏ। ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ସମସ୍ତ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବାସ୍ତୁଶାସ୍ତ୍ରରେ ମଧ ଏହି ଗଛରେ ଅନେକ ମହତ୍ୱ ରହିଛି। ଏହା ସୁଖ, ସମୃଦ୍ଧତା ଏବଂ କଲ୍ୟାଣକାରୀ ଜୀବନର ପ୍ରତୀକ ବୋଲି କୁହାଯାଇଛି। ତେବେ ତୁଳସୀ ଗଛକୁ ଘରର ସଠିକ୍ ସ୍ଥାନରେ ଯଦି ନ ରଖାଯାଏ ତେବେ ଏହା ଅଶୁଭ ଫଳ ଦେଇଥାଏ। ତେଣୁ ତୁଳସୀ ଗଛକୁ ଘରର କେଉଁ ସ୍ଥାନରେ ରଖିବା ଉଚିତ ନୁହେଁ ଆସନ୍ତୁ ଜାଣିବା।

- କିଛି ଲୋକଙ୍କ ଘରେ ସ୍ଥାନ ଅଭାବ ଯୋଗୁଁ ଲୋକମାନେ ଘରର ଛାତ ଉପରେ ତୁଳସୀ ଗଛକୁ ରଖନ୍ତି। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ତୁଳସୀ ଗଛକୁ ଛାତ ଉପରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ଏହା ଅଶୁଭ ଫଳ ଦେଇଥାଏ। ଘରକୁ ନକରାତ୍ମକ ଶକ୍ତି ପ୍ରେବଶ କରିଥାଏ।
- ଯେଉଁମାନଙ୍କ ରାଶିଫଳରେ ବୁଧ ଗ୍ରହ ଧନ ସହ ସମ୍ପର୍କ ରଖିଥାଏ, ବାସ୍ତୁଶାସ୍ତ୍ର ଅନୁଯାୟୀ ସେହି ଲୋକମାନେ ଯଦି ତୁଳସୀ ଗଛକୁ ଘରର ଛାତ ଉପରେ ରଖି ପୂଜା କରୁଥିବେ ତେବେ ସେମନାଙ୍କ ଧନ ହାନୀ ଘଟିବ। ଏଥିସହ ଆର୍ଥୀକ ସମ୍ପତ୍ତି କମିଯିବ।
- ବିଶ୍ୱାସ ରହିଛି ଯେ, ଯେଉଁମାନଙ୍କ ଘରର ଛାତ ଉପରେ ତୁଳସୀ ଗଛ ରଖାଯାଇଥାଏ, ସେହି ଘରେ ପକ୍ଷୀ କିମ୍ବା ପାରା ଆସି ବସା ତିଆରି କରନ୍ତି। ଏହା ଅଶୁଭ ଲକ୍ଷଣ ଅଟେ।



- ତୁଳସୀ ଗଛକୁ ଘରର ପୂର୍ବ ଦିଗରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ବ୍ୟବସାୟରେ କ୍ଷତି ହୋଇଥାଏ। ଏଥିସହ ପରିବାର ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ।
- ଯଦି ଆପଣ ତୁଳସୀ ଗଛକୁ ଛାତ ଉପରେ ରଖିଛନ୍ତି, ତେବେ ବିଶ୍ୱାସ ରହିଛି ଯେ ଘରର ଉତ୍ତର ଦିଗରେ ପିମ୍ପୁଡ଼ି ବାହାରିବା ଆରମ୍ଭ କରିବ କିମ୍ବା ଉତ୍ତର ଦିଗର କୌଣସି ନା କୌଣସି ସ୍ଥାନରେ ଫାଟ ସୃଷ୍ଟି ହେବା ଆରମ୍ଭ ହେବ।
-ତେଣୁ ବାସ୍ତୁଶାସ୍ତ୍ର ଅନୁସାରେ ତୁଳସୀ ଗଛକୁ ସର୍ବଦା ଘରର ଉତ୍ତର ଦିଗ ତଥା ଐଶାନ୍ୟ କୋଣରେ ରଖିବା ଉଚିତ। ଅପଣ ଚାହିଁଲେ ତୁଳସୀ ଗଛକୁ ପଶ୍ଚିମ ଦିଗରେ ମଧ ରଖିପାରିବେ। ଏଭଳି କରିବା ଦ୍ୱାରା ଘର ପରିବାରରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ।

## ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ: ଘରେ କୁକୁର ପାଳିବା କେତେଦୂର ଠିକ୍



କଥାରେ ଅଛି ଘରେ ଗରିଗୋଡ଼ିଆ ବାନ୍ଧିଲେ ଦୋଷ, ନ ବାନ୍ଧିଲେ ବି ଦୋଷ। ଏଠାରେ ଗରିଗୋଡ଼ିଆ କହିଲେ ଗାଇକୁ ବୁଝାଏ। କାରଣ ଗାଇର ଗୋମୟ, ମୂତ୍ର, କ୍ଷୀର, ଦହି, ଘିଅ ଆଦି ପୂଜାପର୍ବ ଓ ଦୈନନ୍ଦିନ କାର୍ଯ୍ୟରେ ଆବଶ୍ୟକ ହୋଇଥାଏ। ଏଣୁ ଗାଇ ନ ରଖିଲେ ଦୋଷ। ପୁଣି ରଖିଲେ ଦୋଷ କାହିଁକି ? କାରଣ ଗାଇ ପାଳିଲେ ତା’ର ସେବାରେ ତ୍ରୁଟି କରିବା ଉଚିତ ନୁହେଁୟ ସେବାରେ ତ୍ରୁଟି ହେଲେ ଓ ଗାଇର କିଛି ହୋଇଗଲେ ପାପ ଲାଗେୟ କିନ୍ତୁ ଆଜିକାଲି ଲୋକେ ଘରେ ଗାଇ ରଖିବା ଅପେକ୍ଷା କୁକୁର ପାଳିବାକୁ ବେଶି ପସନ୍ଦ କରୁଛନ୍ତି। ତାକୁ ବାହାରେ ଖାଇବାକୁ ଦେବା ଓ ପାଣି ପିଇବାକୁ ଦେବା ଭଲ। ଏହା ଭୂତଯଜ୍ଞର ଅନ୍ତର୍ଗତ। ଜୀବେ ଦୟା ଭାବନାକୁ ମଧ ଏହା ପୁଷ୍ଟ କରେ। କିନ୍ତୁ ଘରେ କୁକୁର ପାଳିବାକୁ ଶାସ୍ତ୍ରରେ ବାରଣ କରାଯାଇଛ। ମହାଭାରତରେ ଅଛି, ଯିଏ ଘରେ କୁକୁର ପୋଷିବ ତା’ର ସ୍ୱର୍ଗକୁ ଯିବାର ଅଧିକାର ନାହିଁ। ଏପରି କି ବ୍ରାହ୍ମଣ, ଦେବତା ଓ ପିତୃପୁରୁଷମାନେ ତା’ ଘରୁ ପାଣି ପାଆନ୍ତି ନାହିଁ।ମହାଭାରତ ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ ଅଛି। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ସମ୍ରାଟ୍ ଯୁଧିଷ୍ଠିର ରାଜ୍ୟଭାର ପରିକ୍ଷିତଙ୍କୁ ଦେଇ ସନ୍ନ୍ୟାସ ନେବାକୁ ଇଚ୍ଛା କଲେ। ଏହି ସମୟରେ ଦେବତା ଓ ଋଷିଗଣ ଆସି ତାଙ୍କୁ ସଶରୀରେ ସ୍ୱର୍ଗ ଯିବା ପାଇଁ ପରାମର୍ଶ ଦେଲେ। ଏଣୁ ପାଞ୍ଚଭାଇ ଓ ପତ୍ନୀ ଦ୍ରୌପଦୀ ବଲ୍କଳ ପରିଧାନ କରି ଯାତ୍ରା ଆରମ୍ଭ କଲେ। ବାଟରେ ଗୋଟିଏ କୁକୁର ତାଙ୍କ ସହ ଚାଲୁଥିଲା। ଗିରିରାଜ ହିମାଳୟ ଉପରେ ଚିଢତାଙ୍କୁ ସୁମେରୁ ଶିଖରକୁ ଯିବାକୁ ପଡ଼ିବୟ ବାଟରେ ଦ୍ରୌପଦୀଙ୍କଠାରୁ ଆରମ୍ଭ କରି ଶେଷରେ ଭୀମଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଖସିପଡ଼ି ପ୍ରାଣ ହରାଇଲେ। କିନ୍ତୁ କୁକୁରଟି ଶେଷ ପର୍ଯ୍ୟନ୍ତ ଯୁଧିଷ୍ଠିରଙ୍କ ପଛେ ପଛେ ଚାଲୁଥିଲାୟ ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଇନ୍ଦ୍ରଙ୍କ ରଥ ଆସି ପହଞ୍ଚିଲା ଯୁଧିଷ୍ଠିରଙ୍କୁ ସଶରୀରେ ସ୍ୱର୍ଗକୁ ନେବା ପାଇଁ। ଇନ୍ଦ୍ରଙ୍କ ସାରଥି ମାତଳି ରଥ ଚଳାଉଥିଲେ।ମାତଳି ଯୁଧିଷ୍ଠିରଙ୍କୁ ଅଭିବାଦନ କରି କହିଲେ, ମହାରାଜ ! ଆପଣଙ୍କୁ ନେବାକୁ ମୋତେ ଇନ୍ଦ୍ର ପଠାଇଛନ୍ତି, ଆପଣ ରଥରେ ବସନ୍ତୁ। ଯୁଧିଷ୍ଠିର କିନ୍ତୁ ନିଜେ ରଥରେ ବସିବା ପୂର୍ବରୁ ପ୍ରଥମେ କୁକୁରକୁ ବସାଇବାକୁ ଚାହିଁଲେ।ମାତଳି କହିଲେ, ଏ କି କଥା ? ଆପଣ ଧର୍ମାତ୍ମା, ତେଣୁ ଏକମାତ୍ର ଆପଣଙ୍କୁ ସଶରୀରେ ସ୍ୱର୍ଗକୁ ଯିବାର ଅଧିକାର ଅଛି। କୁକୁର ଏକ ଅପବିତ୍ର ମାଂସାଶୀ ପ୍ରାଣୀ। ସେ କେମିତି ଯାଇପାରିବ ? ତା’ଛଡ଼ା ଶାସ୍ତ୍ରରେ ଅଛି, କୁକୁର ପାଳିବା ଲୋକ ସ୍ୱର୍ଗକୁ ଯାଇପାରନ୍ତି ନାହିଁ। ଯୁଧିଷ୍ଠିର କହିଲେ, ମୁଁ ଏ କୁକୁରକୁ ପାଳିନାହିଁ। କିନ୍ତୁ ସେ ଏତେବାଟ ମୋ ପଛେ ପଛେ ଆସିଛି। ସେ ମୋର ଶରଣାଗତ। ମୁଁ ରାଜା, କ୍ଷତ୍ରିୟ। ଶରଣାଗତକୁ ରକ୍ଷା କରିବା କ୍ଷତ୍ରିୟର ଧର୍ମୟ ମୁଁ ମୋ ଧର୍ମ ତ୍ୟାଗ କରିପାରିବି ନାହିଁ। ମାତଳି କହିଲେ, ଆପଣ ସିନା ପୁଣ୍ୟବଳରେ ସିଧା ସ୍ୱର୍ଗକୁ ଯିବାର ଅଧିକାର ପାଇଛନ୍ତି, କୁକୁର କେମିତି ଯାଇପାରିବ ? ଯୁଧିଷ୍ଠିର କହିଲେ, ତା’ହେଲେ ମୁଁ ମୋର ସବୁ ପୁଣ୍ୟ ଏ କୁକୁରକୁ ଦାନ କରିବାକୁ ପ୍ରସ୍ତୁତ ଅଛି। ଆପଣ ତାକୁ ସ୍ୱର୍ଗକୁ ନେଇଯାନ୍ତୁ। ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମ। କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ। ପୁଲିସ ବିଭାଗ ଓ ସେନ୍ୟ ବିଭାଗରେ ବିଶେଷ ଜାତିଆ କୁକୁରକୁ ତାଲିମ ଦେଇ ତା’ର ଅସମ୍ଭବ ଘ୍ରାଣଶକ୍ତିର ଉପଯୋଗ କରାଯାଏ ବୋମା ଆଦି ଠାବ କରିବା ପାଇଁ। ଯଦି କେଣସି ଧନିକ ଶ୍ରେଣୀର ବ୍ୟକ୍ତି ନିଜର ଧନସମ୍ପତ୍ତି ଜଗିବା ପାଇଁ କୁକୁର ପାଳିବା ନିହାତି ଆବଶ୍ୟକ କରନ୍ତି, ତେବେ କୁକୁର ପାଇଁ ଘର ବାହାରେ ଏକ ସ୍ୱତନ୍ତ୍ର କୁକୁରଶାଳା ତିଆରି କରିବା ଆବଶ୍ୟକ। କୁକୁରକୁ ନିଜ ଘର ଭିତରେ ରଖି ନିଜ ଖଟ ଉପରେ ଚିବା, ପାଖରେ ଶୋଇବା ଓ ଚେୟାର ବା ସୋଫାରେ ବସିବାକୁ ସୁଯୋଗ ଦେବା ଉଚିତ ନୁହେଁ। ଏହା ଶୁଣିବା ପରେ କୁକୁର ନିଜର ସ୍ୱରୂପ ପ୍ରକାଶ କଲା। ଯୁଧିଷ୍ଠିର ଦେଖିଲେ, ତାଙ୍କ ସମ୍ମୁଖରେ ସାକ୍ଷାତ୍ ଧର୍ମରାଜ, ନ୍ୟାୟ ଓ ମୃତ୍ୟୁର ଦେବତା - ଯମ ଛିଡ଼ା ହୋଇଛନ୍ତି। ସ୍ୱୟଂ ଧର୍ମ କୁକୁର ରୂପରେ ଯୁଧିଷ୍ଠିରଙ୍କ ପରୀକ୍ଷା ନେଉଥିଲେ। ଏହି ସମୟରେ ଇନ୍ଦ୍ର ଓ ଅନ୍ୟ ଦେବତାମାନେ ବି ପହଞ୍ଚିଯାଇଥିଲେ। ଯୁଧିଷ୍ଠିରଙ୍କ ନ୍ୟାୟପରାୟଣତା ଓ ଶରଣାଗତବତ୍ସଳତା ଦେଖି ଯମ ଓ ଅନ୍ୟ ଦେବତାମାନେ ପ୍ରସନ୍ନ ହୋଇ ତାଙ୍କୁ ଆଶୀର୍ବାଦ କଲେ। ଯମରାଜ ଯୁଧିଷ୍ଠିରଙ୍କୁ କହିଲେ, ହେ ରାଜା, ଆପଣଙ୍କ ପରି ନିଃସ୍ୱାର୍ଥ ବ୍ୟକ୍ତି ଏ ପର୍ଯ୍ୟନ୍ତ ଏ ଭୂମଣ୍ଡଳରେ କେହି ଜନ୍ମି ନାହାନ୍ତି। ଏକ ସାମାନ୍ୟ କୁକୁର ପାଇଁ ଜୀବନ ସାରା ଅର୍ଜିଥିବା ସମସ୍ତ ପୁଣ୍ୟ ତ୍ୟାଗ କରିଦେବା ପାଇଁ ଆପଣ ଯେପରି ପ୍ରସ୍ତୁତ ହୋଇଗଲେ ତାହା ମୋତେ ମୁଗ୍ଧ କରିଛି। ଆପଣଙ୍କ ହୃଦୟ ପ୍ରାଣୀମାତ୍ରଙ୍କ ପ୍ରତି ସ୍ନେହ ଓ କରୁଣାରେ ପ୍ଲାବିତ ହେଉଛ। ତେଣୁ ସ୍ୱର୍ଗଲୋକ ହିଁ ଆପଣଙ୍କ ପାଇଁ ଉପଯୁକ୍ତ ଧାମ। ତା’ପରେ ମହାରାଜା ଯୁଧିଷ୍ଠିର ଇନ୍ଦ୍ର, ଯମ ଓ ଅନ୍ୟ ଦେବତାମାନଙ୍କ ସହିତ ରଥରେ ବସି ସ୍ୱର୍ଗକୁ ଗଲେ। ଏହି ଆଖ୍ୟାନରୁ ଏତିକି ଶିକ୍ଷା ମିଳିଲା ଯେ, ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମୟ କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ।

## ଯକୃତକୁ ସଫା ରଖେ କେଉଁ ପରିବା



ଯକୃତ ହେଉଛି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିଦିଏ, ଖାଦ୍ୟ ହଜମ କରିବା ସହିତ ଶରୀରକୁ ଶକ୍ତି ମଧ ଦେଇଥାଏ।କିନ୍ତୁ ଆଜିକାଲି ଅଧିକ ତେଲ, ଚିନି ଓ ଜଙ୍କ ଫୁଡ୍ ଖାଇବା ଯୋଗୁଁ ଯକୃତ ଉପରେ ବହୁତ ଚାପ ପଡୁଛି। ଏହା ଯକୃତକୁ ଦୁର୍ବଳ କରିପାରେ ଓ ଅନେକ ରୋଗର କାରଣ ମଧ ହୋଇପାରେ। ହେଲେ ଚିନ୍ତା କରନ୍ତୁ ନାହିଁ କିଛି ସାଧାରଣ ପରିବା ଖାଇଲେ ଆପଣଙ୍କ ଯକୃତ ସଫା ଓ ସୁସ୍ଥ ରହିବ। ଆସନ୍ତୁ ଜାଣିବା ଏହି ୬ଟି ପରିବା ବିଷୟରେ:

ପାଳଙ୍ଗ: ପାଳଙ୍ଗ ହେଉଛି ଏକ ପ୍ରକାରର ଶାଗୟ ପାଳଙ୍ଗକୁ ସାଲାଡରେ ଖାଇପାରିବେ, ସୁପ୍ ,ଜୁସ୍ ଓ ତରକାରୀ ମଧ ରାନ୍ଧି ଖାଇପାରିବେ । ସକାଳେ ପାଳଙ୍ଗ ଜୁସ୍ ପିଇଲେ ଯକୃତ ସହ ପେଟ ମଧ ସଫା ରହେ।

ବିଟ୍: ବିଟ୍ ଯକୃତ ପାଇଁ ଏକ ଭଲ ପରିବା । ଏହା ଯକୃତକୁ ସଫା କରେ ଓ ରକ୍ତକୁ ଶୁଦ୍ଧ ରଖେ ।ଏହା ଯକୃତର କୋଷକୁ ମଜବୁତ କରେ ଓ ନୂଆ କୋଷ ତିଆରି କରିବାରେ ସାହାଯ୍ୟ କରେ।।ବିଟକୁ ଜୁସ୍ କରି ପିଅନ୍ତୁ, ସାଲାଡରେ ମିଶାନ୍ତୁ କିମ୍ବା ହାଲକା ସିଝାଇ ଖାଆନ୍ତୁ।

ବ୍ରକୋଲି: ଏହା ଯକୃତକୁ ସଫା ରଖିବା ପାଇଁ ସାହାଯ୍ୟ କରେ ଓ ଶରୀରରୁ ଖରାପ ଜିନିଷ ବାହାର କରେ। ନିୟମିତ ବ୍ରକୋଲି ଖାଇଲେ ଯକୃତରେ ଚର୍ବି ଜମା ହେବା ରୋଗକୁ ମଧ କମାଇପାରୁଛିୟ ବ୍ରକୋଲିକୁ ସୁପ୍, ତରକାରୀ କିମ୍ବା ହାଲକା ସିଝାଇ ଖାଆନ୍ତୁ।

କଲରା: କଲରା ପିତା ହେଲେ ମଧ ଏହା ଯକୃତ ପାଇଁ ବହୁତ ଲାଭଦାୟକ। ଏହା ଶରୀରରୁ ବିଷ ବାହାର କରେ ।କଲରାକୁ ତରକାରୀ, ଭଜା କିମ୍ବା ଜୁସ୍ କରି ଖାଇପାରିବେ।

ଧନିଆ: ଧନିଆ ପତ୍ର କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ନାହିଁ, ଯକୃତକୁ ମଧ ସଫା ରଖେ। ଧନିଆକୁ ଚଟଣୀ, ସୁପ୍, ଜୁସ୍ କିମ୍ବା ଖାଦ୍ୟ ଉପରେ ପକାଇ ଖାଇପାରିବେ।

ବନ୍ଧାକୋବି: ଶୀତଦିନେ ଅଧିକ ମାତ୍ରାରେ ବ୍ୟବହାର ହେଉଥିବା ପରିବା ହେଉଛି କୋବି ।ତେବେ ବନ୍ଧାକୋବି ହେଉଛି ଯକୃତରେ ପାଇଁ ଏକ ଉପଯୋଗୀ ପରିବା। ଏହା ଯକୃତରୁ ବିଷାକ୍ତ ଜିନିଷ ବାହାର କରେ। ବନ୍ଧାକୋବିକୁ ତରକାରୀ, ସାଲାଡ୍, ସୁପ୍ କିମ୍ବା ପରାଠାରେ ମିଶାଇ ଖାଆନ୍ତୁ।

# ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୭ (ମହାଭାରତ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍- ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ମଙ୍ଗଳବାର ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି। ଜ୍ୟୋତିର୍ମୟୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିବା ସହିତ ଇଣ୍ଡିଆନ୍ ଆଇଡଲ୍'ର ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ। ନୂଆ ପିଢିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଜ୍ୟୋତିର୍ମୟୀ ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଉପଯୋଗ କରୁଛନ୍ତି। ରାଜ୍ୟର ଅନେକ କ୍ୟାନ୍ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି। ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍'। ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ଗୌରବମୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚନ୍ଦ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ।



# ସମ୍ବଲପୁର ସ୍ୱାସ୍ଥ୍ୟ ସେବାକୁ ନେଇ ସମୀକ୍ଷା

ଭୁବନେଶ୍ୱର,୩୦।୭ (ମହାଭାରତ): ସମ୍ବଲପୁର ଜିଲ୍ଲାର ୨୬ଟି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିବା ରାଜ୍ୟ ପର୍ଯ୍ୟବେକ୍ଷଣ ଟିମ୍ ର ରିପୋର୍ଟକୁ ଆଧାର କରି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଆଭାଷୀ ମାଧ୍ୟମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶକ ଡ଼ ବୃନ୍ଦା ଡ଼ି ଏବଂ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ରାଜ୍ୟ ପର୍ଯ୍ୟବେକ୍ଷଣ ଟିମ୍ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଯନ୍ତ୍ରପାତି ଏବଂ ଜରୁରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସନ୍ତୋଷ ଜନକ ଭାବେ ଉପଲବ୍ଧ ଥିବା ବେଳେ ଆବଶ୍ୟକ ପର୍ଯ୍ୟବେକ୍ଷଣ, କ୍ଲିନିକାଲ୍ ପ୍ରାକ୍ଟିସ ଏବଂ ଅନୁଧ୍ୟାନ ସମୟରେ ରହିଥିବା ତ୍ରୁଟିଗୁଡ଼ିକ ସୁଧାର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କେତେକ କ୍ଷେତ୍ର ଚିହ୍ନଟ କରାଯାଇଛି, ଯେଉଁଥିରେ ହାଇ ରିସ୍କ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ଅନୁଧ୍ୟାନ କରିବା, ସଂକ୍ରମଣ ପ୍ରତିରୋଧ ଓ ଷ୍ଟେରାଲାଇଜେସନ ବ୍ୟବସ୍ଥାରେ ଉନ୍ନତି ଆଣିବା, ଜରୁରୀକାଳୀନ ଔଷଧଗୁଡ଼ିକର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା, ଯନ୍ତ୍ରପାତିଗୁଡ଼ିକର ରକ୍ଷଣାବେକ୍ଷଣ, ମାନବ ସମ୍ବଳ ତଥା ପ୍ରଶିକ୍ଷଣଗତ ତ୍ରୁଟିଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସେବା ପ୍ରଦାନ ଏବଂ ରୋଗୀଙ୍କ ସୁରକ୍ଷାକୁ ଦୃଢ଼ କରିବା ନିମନ୍ତେ ଏକ ସମୟବଦ୍ଧ ୩୦ ଦିନିଆ -୬୦ ଦିନିଆ -୯୦ ଦିନିଆ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବଲପୁର ଜିଲ୍ଲାରେ ମାତୃ ଓ ନବଜାତକ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ନିୟମିତ ମନିଟରିଂ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ କମିଶନର-ତଥା-ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଟିମ ସମୀକ୍ଷା ସମୟରେ ସାମ୍ନାକୁ ଆସିଥିବା ସମସ୍ୟାଗୁଡ଼ିକର ସମାଧାନ ସହ ଜିଲ୍ଲାରେ ଏବଂ ବ୍ଲକସ୍ତରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟ ସମସ୍ତ ସୁପାରିଶର ପୂର୍ଣ୍ଣ ପାଳନ ନେଇ ଆଶ୍ୱାସନା ଦେଇଛନ୍ତି।



# କାର୍ଟୁନ ରୂପରେ ଉପସ୍ଥାପନ କଲେ ମହାପ୍ରଭୁଙ୍କ ପ୍ରତି ଭକ୍ତି କମିଯିବ ନାହିଁ'

ଭୁବନେଶ୍ୱର,୩୦।୭ (ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆନିମେଟେଡ୍ ବା କାର୍ଟୁନ ଚରିତ୍ର ଭାବେ ଉପସ୍ଥାପନ କରି ନିର୍ମିତ 'ମହାପ୍ରଭୁ ଜଗନ୍ନାଥ' ଚଳଚ୍ଚିତ୍ରର ମୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଙ୍ଗଳବାର ସୁପ୍ରିମକୋର୍ଟରେ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି। ଚଳଚ୍ଚିତ୍ରଟିର ପ୍ରଦର୍ଶନ ଭକ୍ତମାନଙ୍କ ଧାର୍ମିକ ଭାବାବେଗକୁ ଆଘାତ ପହଞ୍ଚାଇପାରେ ବୋଲି ଦର୍ଶାଇ ଓଡ଼ିଶା ସରକାର ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦାଖଲ କରିଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ବୁଧବାର ପାଇଁ ଧାର୍ଯ୍ୟ କରିଛନ୍ତି। ବିଚାରପତି ବି.ଭି. ନାଗରତ୍ନା ଓ ଆର୍. ମହାଦେବନଙ୍କ ଖଣ୍ଡପୀଠଙ୍କ ସମ୍ମୁଖରେ ହୋଇଥିବା ଶୁଣାଣିରେ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଭକ୍ତମାନଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେତା ଉପସ୍ଥିତ ହୋଇ ଯୁକ୍ତି ବାଢ଼ିଥିଲେ। ସେ କହିଥିଲେ, ଚଳଚ୍ଚିତ୍ରକୁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡ (ସିବିଏଫ୍‌ସି) ଅନୁମୋଦନ ଦେବା ପୂର୍ବରୁ ଶ୍ରୀମନ୍ଦିର ପକ୍ଷରୁ ଆପତ୍ତି ଦାଖଲ କରାଯାଇଥିଲା। ତେଣୁ ସୁପ୍ରିମକୋର୍ଟଙ୍କ ପୂର୍ବ ଆଦେଶର ସୀମାବଦ୍ଧତା ବିନା ସିବିଏଫ୍‌ସିକୁ ସ୍ୱାଧୀନ ଭାବେ ସେହି ଆପତ୍ତିଗୁଡ଼ିକର ବିଚାର କରିବାର ସୁଯୋଗ ଦିଆଯିବା ଆବଶ୍ୟକ।

ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ଅଦାଲତଙ୍କୁ ଜଣାଇଥିଲେ ଯେ, ଏହି ପ୍ରସଙ୍ଗରେ ଦାଖଲ ମୂଳ ରିଟ୍ ଆବେଦନ ବର୍ତ୍ତମାନ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଏହାଛଡ଼ା ସୁପ୍ରିମକୋର୍ଟରେ ଦୁଇଟି ବିବିଧ ଆବେଦନ ଦାଖଲ ହୋଇଛି। ମୁଖ୍ୟ ବିଚାରପତିଙ୍କ ନିକଟରେ ଜରୁରୀ ଉଲ୍ଲେଖ ପରେ ମାମଲାଟିକୁ ତୁରନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇଥିବା ସେ ସ୍ପଷ୍ଟ କରିଥିଲେ।

ଶୁଣାଣି ସମୟରେ ବିଚାରପତି ବି.ଭି. ନାଗରତ୍ନା କହିଥିଲେ ଯେ, ପୂର୍ବରୁ ଅଦାଲତ ରଥଯାତ୍ରା ସମୟରେ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ବିଚାରକୁ ନେଇ ଚଳଚ୍ଚିତ୍ରର ମୁକ୍ତିକୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଏବେ ରଥଯାତ୍ରା ସମାପ୍ତ ହୋଇଥିବାରୁ ସେହି ପ୍ରସଙ୍ଗ ଆଉ ରହିନାହିଁ। ଧାର୍ମିକ ଭାବାବେଗ ସମ୍ପର୍କିତ ଆପତ୍ତି ଉପରେ ମନ୍ତବ୍ୟ ରଖି ସେ କହିଥିଲେ, 'ପିଲାମାନଙ୍କ ପାଇଁ ନିର୍ମିତ ଏହି ଚଳଚ୍ଚିତ୍ର ମୁକ୍ତି ପାଇଲେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଲୋକଙ୍କ ଭକ୍ତି କମିଯିବ କି ? ତାହା ହେବ ନାହିଁ।'

# ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସର ବିଶାଳ ପଦଯାତ୍ରା

ଭୁବନେଶ୍ୱର,୩୦।୭ (ମହାଭାରତ): ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବୀରେ କଂଗ୍ରେସ ପକ୍ଷରୁ ଏକ ବିଶାଳ ପ୍ରତିବାଦ ପଦଯାତ୍ରା କଂଗ୍ରେସ ଭବନଠାରୁ ଲୋକସେବା ଭବନକୁ ଆରମ୍ଭ ହୋଇଥିଲା। ପିଏମଜି ଛକ ଆଗରୁ ପୋଲିସ ବ୍ୟାରିକେଡ଼ ଦେଇ ପଦଯାତ୍ରାକୁ ରୋକିଥିଲା ଫଳରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ସେଠାରେ ସରକାରଙ୍କ ଛାତ୍ର ବିରୋଧୀ ନୀତି ଓ ଶିକ୍ଷାମନ୍ତ୍ରୀ ଗଣ୍ଡଙ୍କ ବିରୋଧରେ ସ୍ଲୋଗାନ ଦେଇ ଇସ୍ତଫା ଦାବୀ କରିଥିଲେ। ଏହା ବ୍ୟତୀତ କଂଗ୍ରେସ ଭବନଠାରେ ଯୁବନେତା ହରିଶଙ୍କର ରାଉତଙ୍କ ନେତୃତ୍ୱରେ କଟକରୁ ଆସିଥିବା ପ୍ରାୟ ୮୦୦ ଶହରୁ ଉର୍ଦ୍ଧ୍ୱ ଜେନ ଜୀ ମଙ୍ଗଳବାର କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି।

ମିଶ୍ରଣ ପର୍ବରେ ଜେନ ଜୀଙ୍କୁ ଉଦବୋଧନ ଦେଇ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇ କହିଛନ୍ତି ଯେ, ଆପଣ ଜେନ ଜୀଙ୍କୁ କଂଗ୍ରେସ ଦଳରେ ସ୍ୱାଗତ କରୁଛୁ। ଗୁଜୁରାଟରୁ ଆସି ସମସ୍ତ ଦେଶବାସୀଙ୍କୁ ଭଣ୍ଡାଇଥିବା ବ୍ୟକ୍ତିଙ୍କୁ ଆଜି ଦେଶର ଛାତ୍ର ଓ ଜେନ ଜୀ ବର୍ଗ ମଜାକ କରୁଛନ୍ତି କ୍ଷ ଆଜି ସମସ୍ତ ଦେଶବାସୀ ତାଙ୍କୁ ଚିନ୍‌ହିଗଲେଣି ଏବଂ ରାଜ୍ୟରେ ସରକାର ପିଲାଙ୍କ ବହି ତ୍ରୁଟିଯୁକ୍ତ ମୁଦ୍ରଣ କରି ଇତିହାସ ସୃଷ୍ଟି କରିଛି। ଏହା ଅକ୍ଷମଣୀୟ ତେଣୁ ରାଜ୍ୟର ଶିକ୍ଷାମନ୍ତ୍ରୀ ତୁରନ୍ତ




ଇସ୍ତଫା ଦିଅନ୍ତୁ ନଚେତ ଆନ୍ଦୋଳନକୁ ସାମ୍ନାକରନ୍ତୁ ବୋଲି ଶ୍ରୀ ଦେଶାଇ କହିଛନ୍ତି।

ଓପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଆଜି କଂଗ୍ରେସ ଭବନରେ ଏକ ବିପ୍ଲବର ଦିନ। ଆମନେତା ରାହୁଳ ଗାନ୍ଧୀଙ୍କ ଜେନ ଜୀ ଆନ୍ଦୋଳନ ମାଧ୍ୟମରେ ସାରା ଦେଶରେ କମ୍ପନ ସୃଷ୍ଟି କରିଛନ୍ତି। ଜେନ ଜୀଙ୍କ ମହା ଆନ୍ଦୋଳନ ଫଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି ଏବଂ ଏଭଳି ଏକ ବିପ୍ଲବ ସମୟରେ କଂଗ୍ରେସ ଭବନଠାରେ ହଜାର ସଂଖ୍ୟାରେ ଜେନ ଜୀ କଂଗ୍ରେସ ଦଳରେ ମିଶିବା ଦଳକୁ ଶକ୍ତିଶାଳୀ କରିବା ସହ ଲଢେଇ ପାଇଁ ସାହସ ଯୋଗେଇଛି। ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ନିଶ୍ଚିତ। ଯଦି ଦେବେନାହିଁ ତେବେ ତାଙ୍କ ବାସଭବନ ଘେରାଓ, ସମସ୍ତ ମନ୍ତ୍ରୀଙ୍କ ଘର ଘେରାଓ କରାଯିବା ସହ ଆବଶ୍ୟକ ହେଲେ ଓଡିଶା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଜେନ ଜୀ ଚାହିଁଲେ କଣ କରିପାରନ୍ତି ଜନ୍ତର ମନ୍ତର ଆନ୍ଦୋଳନ ପ୍ରମାଣିତ କଲା ତେଣୁ ଏଠାରେ ଉପସ୍ଥିତ ସମସ୍ତ ଜେନ ଜୀ ନିଜ ଅଧିକାର ପାଇଁ ଆଗାମୀ ଦିନରେ ସଂଗ୍ରାମ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥଲେ। ଆମେ ଆମ ଛୁଆଙ୍କ ଭବିଷ୍ୟତ ଅନ୍ଧକାର କରିପାରିବୁ ନାହିଁ କିମ୍ବା ଗୋଲାମ କରି ପାରିବୁ ନାହିଁ ତେଣୁ ଏଭଳି ଶିକ୍ଷାମନ୍ତ୍ରୀ ରାଜ୍ୟର ଆବଶ୍ୟକତା ନାହିଁ ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଛାତ୍ରବର୍ଗଙ୍କୁ ନିଜ ଅଧିକାର ପାଇଁ ଲଢେଇ କରିବାର ସମୟ ଆସିଛି ବୋଲି ପରାମର୍ଶ ଦେଇଛନ୍ତି।

# 'ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍' ଫ୍ୟାକଲ୍ଟି ଡେଭେଲପ୍‌ମେଂଟ

ଭୁବନେଶ୍ୱର,୩୦।୭ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ନିକଟରେ 'ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍' ଶୀର୍ଷକ ଦିନିକିଆ ଫ୍ୟାକଲ୍ଟି ଡେଭେଲପ୍‌ମେଂଟ ପ୍ରୋଗ୍ରାମ୍ (ଏଫ୍‌ଡିପି) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୦ ଜଣ ଫ୍ୟାକଲ୍ଟି ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍ କ୍ଷେତ୍ରରେ ଅଧ୍ୟାପକମାନଙ୍କର ଗବେଷଣା ଦକ୍ଷତାକୁ ସୁଦୃଢ଼ କରିବା। ଏହି କାର୍ଯ୍ୟକ୍ରମରେ ଦୁଇଟି ବୈଜ୍ଞାନିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସିଷ୍ଟମାଟିକ୍ ରିଭ୍ୟୁର ମୌଳିକ ଧାରଣା ସହିତ ଏହାର ଏଭିଡେନ୍ସ-ବେସ୍ଡ ରିସର୍ଚ୍ଚର ଗୁରୁତ୍ୱ, ପାରଂପରିକ ସାହିତ୍ୟ ସମୀକ୍ଷାଠାରୁ ଏହାର ପାର୍ଥକ୍ୟ, ପିଆଇସିଓ ଫ୍ରେମ୍‌ୱାର୍କ ଆଧାରରେ ଗବେଷଣା ପ୍ରଶ୍ନ ପ୍ରସ୍ତୁତି, ପ୍ରୋଟୋକଲ୍ ବିକାଶ, ସାହିତ୍ୟ ସନ୍ଧାନ କୌଶଳ ଏବଂ ପୂର୍ବ ନିର୍ଦ୍ଧାରିତ ଅନ୍ତର୍ଭୁକ୍ତି ଓ ବର୍ଜନ ମାନଦଣ୍ଡ ଆଧାରରେ ଅଧ୍ୟୟନ ଚୟନ ସଂପର୍କରେ ଯୋଗ ଦେଇଥିବା ଫ୍ୟାକଲ୍ଟିମାନଙ୍କୁ ଅବଗତ କରାଯାଇଥିଲା। ଏହି ଅଧିବେଶନ ପରିଚାଳନା କରିଥିବା ଏମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗର ଡ଼ଃ କେତନ କୁମାର ପ୍ରିଜ୍‌ମା (ପ୍ରିଫର୍ଡ ରିପୋଟିଂ ଆଇଟମ୍ସ ଫର୍ ସିଷ୍ଟମାଟିକ୍ ରିଭ୍ୟୁ ଆଣ୍ଡ ମେଟା-ଆନାଲିସିସ୍) ନିର୍ଦ୍ଦେଶାବଳୀ, ସିଷ୍ଟମାଟିକ୍ ରିଭ୍ୟୁ ପରିଚାଳନାର ସଂପୂର୍ଣ୍ଣ ପ୍ରକ୍ରିୟା ଏବଂ ଲିଟରେଚର ସନ୍ଧାନ କୌଶଳ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନକୁ ଏମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗର ପ୍ରଫେସର ଡାକ୍ତର ରଶ୍ମି ରଞ୍ଜନ ଦାସ ପରିଚାଳନା କରିଥିଲେ। ସେ ମେଟା-ଆନାଲିସିସ୍ ଫଳାଫଳର ବ୍ୟାଖ୍ୟା, ରିପୋର୍ଟିଂ ମାନଦଣ୍ଡ, ଗବେଷଣା ପ୍ରକାଶନ କୌଶଳ ଏବଂ ସିଷ୍ଟମାଟିକ୍ ରିଭ୍ୟୁ କରିବା ସମୟରେ ସମ୍ମୁଖୀନ ହେଉଥିବା ସାଧାରଣ ପଦ୍ଧତିଗତ ଆହ୍ୱାନ ସଂପର୍କରେ ଆଲୋଚନା କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏଭିଡେନ୍ସ-ବେସ୍ଡ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଉଚ୍ଚମାନର ବୈଜ୍ଞାନିକ ପ୍ରମାଣ ସୃଷ୍ଟି ପାଇଁ ଅଧ୍ୟାପକ ଓ ଗବେଷକମାନଙ୍କୁ ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍ ପଦ୍ଧତି ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ। ଶେଷରେ ଏକ ଆନ୍ତରିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶ ଗ୍ରହଣକାରୀମାନେ ସଫ୍ଟୱେୟାର ବ୍ୟବହାର, ପରିସଂଖ୍ୟାନଗତ ବିଶ୍ଳେଷଣ ଓ ସିଷ୍ଟମାଟିକ୍ ରିଭ୍ୟୁର ପ୍ରକାଶନ ସଂପର୍କିତ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରିଥିଲେ।



# ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍‌ର ରେକର୍ଡ ଉତ୍ପାଦନ

ଭୁବନେଶ୍ୱର,୩୦।୭ (ମହାଭାରତ): ଭାରତର ଅନ୍ୟତମ ସମନ୍ୱିତ ଲୁହାପଥର ଓ ଇସ୍ପାତ କମ୍ପାନି ବେଦାଂ ଆଇରନ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍‌ଏଲ୍) ୨୦୨୬ ଜୁନ୍ ୩୦ ସୁଦ୍ଧା ଶେଷ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଉଲ୍ଲେଖନୀୟ ଆର୍ଥିକ ଫଳାଫଳ ପ୍ରଦର୍ଶନ କରିଛି। ଅଧିକ ଲୁହାପଥର ଉତ୍ପାଦନ, ରେକର୍ଡ ପିଗ୍ ଆଇରନ୍ ଉତ୍ପାଦନ, ଉନ୍ନତ ପରିଚାଳନା ଦକ୍ଷତା ଓ ଏହାର ବ୍ୟବସାୟରେ ଶୃଙ୍ଖଳିତ କାର୍ଯ୍ୟକାରିତା ଦ୍ୱାରା ଏହି ଫଳ ମିଳିପାରିଛି।

ଏହି ତ୍ରୈମାସିକରେ କମ୍ପାନିର ରାଜସ୍ୱ ବାର୍ଷିକ ୧୮ ପ୍ରତିଶତ ବୃଦ୍ଧି ପାଇ ୩,୬୬୨ କୋଟି ଟଙ୍କା ହୋଇଥିବା ବେଳେ ଏବିଟ୍‌ଡା ୫୪ ପ୍ରତିଶତ ବଢ଼ି ୫୧୫ କୋଟି ଟଙ୍କା ହୋଇଛଇ। ଏବିଟ୍‌ଡା ମାର୍ଜିନ ୩୨୨ ପଏଂଟ୍ ପ୍ରତିଶତ ବଢ଼ି ୧୪ ପ୍ରତିଶତରେ ପହଂଚିଛି ଯାହା ଗୋଟିଏ ବର୍ଷ ପୂର୍ବରୁ ୧୧ ପ୍ରତିଶତ ଥିଲା। ଭିଆଇଏସ୍‌ଏଲ୍ ୧୨୧ କୋଟି ଟଙ୍କାର ଲାଭ କରିଛି। ଗତ ଆର୍ଥିକ ବର୍ଷର ଏହି ତ୍ରୈମାସିକରେ କମ୍ପାନି ୧୪୫ କୋଟି ଟଙ୍କର କ୍ଷତି ସହିଥିଲା। ଚଳିତ ବର୍ଷ ସେଥିରେ ଉଲ୍ଲେଖନୀୟ ସୁଧାର ଘଟିଛି।

କମ୍ପାନିର ଇସ୍ପାତ ବ୍ୟବସାୟରେ ଏବିଟ୍‌ଡା ମାର୍ଜିନ ୪ ପ୍ରତିଶତ ବୃଦ୍ଧି ପାଇ ୫୮୬୪ କୋଟି ଟଙ୍କା ହୋଇଥିବା ବେଳେ ଲୁହାପଥର ବ୍ୟବସାୟରେ ତାହା ୧୭ ପ୍ରତିଶତ ବୃଦ୍ଧି ପାଇ ୧୨୯୫ କୋଟି ଟଙ୍କା ହୋଇଛି।

ଫଳାଫଳ ସମ୍ପର୍କରେ ବେଦାଂ ଆଇରନ୍ ଆଣ୍ଡ୍ ଷ୍ଟିଲ୍‌ର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'କ୍ୟୁ୧ରେ ଆମ ଦୃଢ଼ ପ୍ରଦର୍ଶନ ଉଚ୍ଚ ଲୁହାପଥର ଉତ୍ପାଦନ, ଦ୍ରୁତ ପିଗ୍ ଆଇରନ୍ ଉତ୍ପାଦନ ଓ ଶୃଙ୍ଖଳିତ କାର୍ଯ୍ୟକାରିତାକୁ ଦର୍ଶାଉଛି। ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଆଣିବା, ଅଭିବୃଦ୍ଧି ପ୍ରକଳ୍ପକୁ ବଢ଼ାଇବା ଏବଂ ସ୍ଥାୟୀ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ଉପରେ ଆମର ନିର'ର ଗୁରୁତ୍ୱ ରହିଛି।'' ଏହି ତ୍ରୈମାସିକରେ କମ୍ପାନିର ଏବିଟ୍‌ଡାକୁ ନିଟ୍ ଋଣ ୧.୩ ଗୁଣା ରହିଛି ଓ ନଗଦ ଓ ନଗଦ ସମାନ ୧୦୧୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଦୃଢ଼ ଆର୍ଥିକ ସ୍ଥିତି ବିଚାରକୁ ନେଇ କ୍ରିସିଲ୍ ତରଫରୁ ଭିଆଇଏସ୍‌ଏଲ୍‌କୁ ଏଏ/ଷ୍ଟେବଲ୍ କ୍ରେଡିଟ୍ ରେଟିଂ ପ୍ରଦାନ କରାଯାଇଛି। ଏହି ସମୟରେ ଭିଆଇଏସ୍‌ଏଲ୍‌ର ପିଗ୍ ଆଇରନ୍ ଉତ୍ପାଦନ ୮ ପ୍ରତିଶତ ବଢ଼ି ୨୯୧ କିଲୋଟନ୍ ହୋଇଛି। ଲୁହାପଥର (ଗୋଆ) ବ୍ୟବସାୟ ପ୍ରମୁଖ ଅଭିବୃଦ୍ଧି ଇଜିନ ଭାବେ ଉଭା ହୋଇଛି। ସେଠାରେ ଲୁହାପଥର ଉତ୍ପାଦନ ୧୬୬ ପ୍ରତିଶତ ବଢ଼ିଛି ଓ ପ୍ରକ୍ରିୟାକରଣରେ ବୃଦ୍ଧି ଜାରି ରହିଛି।

# ବାଘ ବଞ୍ଚିଲେ ବଞ୍ଚିବ ମାନବ ସମାଜ


ଭୁବନେଶ୍ୱର,୩୦।୭ (ମହାଭାରତ): ପ୍ରତିବର୍ଷ ଅଗଷ୍ଟ ମାସ ୨୯ ତାରିଖକୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ରୂପେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଭୁବନେଶ୍ୱର, ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ଏକ ସଚେତନତାମୂଳକ ଚିତ୍ର ଆଙ୍କି ସାରା ବିଶ୍ୱକୁ ପ୍ରକୃତି ସୁରକ୍ଷାର ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ଏହି ସୁନ୍ଦର ଚିତ୍ରକଳା ମାଧ୍ୟମରେ ବ୍ୟାଘ୍ର ସଂରକ୍ଷଣ ସହିତ ସମଗ୍ର ପରିବେଶ ଓ ଜୀବଜଗତର ଗଭୀର ସମ୍ପର୍କକୁ ଅତ୍ୟନ୍ତ ସ୍ପଷ୍ଟ ଓ ନିଖୁଣ ଭାବେ ଉପସ୍ଥାପନ କରାଯାଇଛି। ଚିତ୍ରଟିରେ ଶାନ୍ତନୁ ଏକ



ସୁନ୍ଦର ଶୃଙ୍ଖଳା ଦର୍ଶାଇଛନ୍ତି - ବ୍ୟାଘ୍ର ରହିଲେ ଜଙ୍ଗଲ ରହିବ, ଜଙ୍ଗଲ ରହିଲେ ବର୍ଷା ହେବ, ବର୍ଷା ହେଲେ ଶସ୍ୟ ଉତ୍ପାଦନ ହେବ ଏବଂ ଶେଷରେ ଶସ୍ୟ ହେଲେ ସମଗ୍ର ଜୀବଜଗତକୁ ଖାଦ୍ୟ ମିଳିବ। ଏହି ସରଳ କିନ୍ତୁ ଗ୍ରହଣୀୟ ବାର୍ତ୍ତା ଜରିଆରେ ସେ ପ୍ରକୃତି ଓ ମାନବ ସମାଜ ମଧ୍ୟରେ ଥିବା ଆତ୍ମନିର୍ଭରଶୀଳତାକୁ ସୁନ୍ଦର ଭାବେ ବୁଝାଇଛନ୍ତି। ଚିତ୍ରଟିରେ ଜଙ୍ଗଲର ଜୀବନ୍ତ ପଶୁପକ୍ଷୀ, ମନୋରମ ବର୍ଷାର ଦୃଶ୍ୟ, ଚାଷ କାର୍ଯ୍ୟର ଚିତ୍ର ଏବଂ ଏକ ଆନନ୍ଦମୟ ପରିବାରର ମୁହୂର୍ତ୍ତକୁ ଅତ୍ୟନ୍ତ କଳାତ୍ମକ ଶୈଳୀରେ ସ୍ଥାନ ଦିଆଯାଇଛି। କୋମଳମତି ଛାତ୍ର ଶାନ୍ତନୁଙ୍କର ଏହି ଭାବପୂର୍ଣ୍ଣ ଚିତ୍ରକଳା ପରିବେଶ ସୁରକ୍ଷାକୁ ନେଇ ସମାଜରେ ଏକ ଶାଣିତ ସଚେତନତା ସୃଷ୍ଟି କରିପାରିଛି।

# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ନାମରେ ଫୁଲବାଣୀର ମେଡିକାଲ କଲେଜ ନାମିତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର,୩୦।୭ (ମହାଭାରତ): ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା, ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା କନ୍ୟାଶ୍ରମକୁ ୧୩ କୋଟି ଟଙ୍କାର ସହାୟତା ଘୋଷଣା ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରୁ ସ୍ୱାମୀଜୀଙ୍କ ହତ୍ୟାକାଣ୍ଡର ଫାଇଲ୍ ଚୋରି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଂଚକୁ ହସ୍ତାନ୍ତର କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟସରକାରଙ୍କୁ ଓଡ଼ିଶାବାସୀ ତଥା ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିଂରଚି ନାରାୟଣ ତ୍ରିପାଠୀ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ୍ ବାର୍ତ୍ତାରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉପାନ୍ତ ଅଂଚଳ ଭାବେ ପରିଚିତ କନ୍ଧମାଳ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ। ଏହି ସମ୍ପ୍ରଦାୟର ବିକାଶ ଓ ଉନ୍ନତି ପାଇଁ ସେମାନଙ୍କ ଭିତରେ ଶିକ୍ଷାର ପ୍ରସାର କରାଇବା ପାଇଁ ସ୍ୱାମୀଜୀ ନିରନ୍ତର ପ୍ରୟାସ କରୁଥିଲେ। ଉକ୍ତ ଅଂଚଳର ଯେଉଁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ସଂସ୍ଥା ଧର୍ମାନ୍ତୀକରଣ କାର୍ଯ୍ୟ କରୁଥିଲେ, ସେମାନେ ସ୍ୱାମୀଜୀଙ୍କ ଏହି କାର୍ଯ୍ୟକୁ ଘୋର ବିରୋଧ କରୁଥିଲେ। ସେହି କାରଣରୁ ବାରମ୍ବାର ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାସତ୍ତ୍ୱେ ତତ୍କାଳୀନ ରାଜ୍ୟ ସରକାରଙ୍କ ତରଫରୁ ସ୍ୱାମୀଜୀଙ୍କୁ ଯେଉଁ ପ୍ରକାର ସୁରକ୍ଷା ଦିଆଯିବା କଥା ସେପରି ଦିଆଯାଇ ନ ଥିଲା। ଶେଷରେ



୨୦୦୮ ଅଗଷ୍ଟ ୨୩ ତାରିଖରେ ପବିତ୍ର ଜନ୍ମାଷ୍ଟମୀରେ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ଜଲେଶପଟ୍ଟା ଆଶ୍ରମରେ ଉତ୍ସବ ପାଳନ କରାଯାଉଥିବା ବେଳେ ଅଜ୍ଞାତ ବନ୍ଧୁକଧାରୀମାନେ ଅତ୍ୟନ୍ତ ନିର୍ମମ ଭାବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହ ଅନ୍ୟ ୪ ଜଣ ସାଧୁ ଓ ସାଧ୍ୱୀଙ୍କୁ ହତ୍ୟା କରିଥିଲେ। ହତ୍ୟା ପରବର୍ତ୍ତୀ ଅବସ୍ଥାରେ କନ୍ଧମାଳ ଜିଲ୍ଲାରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ତତ୍କାଳୀନ ସରକାର ଓଡ଼ିଶାବାସୀଙ୍କ ଜନମତ ଚାପରେ ଆସି ପ୍ରଥମେ ଜଷ୍ଟିସ ଶରତ ମହାପାତ୍ରଙ୍କ ନେତୃତ୍ୱରେ କମିଶନ ବସାଇଥିଲେ। ଜଷ୍ଟିସ ଶରତ ମହାପାତ୍ରଙ୍କ ମୃତ୍ୟୁ ପରେ ଉକ୍ତ କମିଶନଙ୍କ କାର୍ଯ୍ୟକୁ ଜଷ୍ଟିସ୍ ଏ.ଏସ୍.ନାଇଡୁଙ୍କୁ ଅର୍ପଣ କରାଯାଇଥିଲା। ୨୦୧୬ ସେପ୍ଟେମ୍ବର ୧୬ରେ ଏହି କମିଶନ ତତ୍କାଳୀନ ରାଜ୍ୟ ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ୮ ବର୍ଷ ଧରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଯେଉଁମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଛନ୍ତି ବା କେଉଁ କାରଣରୁ ଏହି ହତ୍ୟାକାଣ୍ଡ ହୋଇଛି ତାହା ମଧ୍ୟ ସାର୍ବଜନୀନ କରାଯାଇ ନଥିଲା। ବିରୋଧୀ ଦଳରେ ଥିଲାବେଳେ ବିଜେପି ଏନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠାଇଥିଲା। ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଦଳ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲା।

# ଖାଦ୍ୟ ଉତ୍ପାଦନ ବୃଦ୍ଧି

କୃଷି ଉତ୍ପାଦିତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତେ। କହିବା ବାହୁଲ୍ୟ ଯେ, ଦେଶ ସ୍ୱାଧୀନ ହେବାର ୭୯ ବର୍ଷ ପରେ ବି ଆମେ ଖାଦ୍ୟ ଉତ୍ପାଦନରେ ଶତ ପ୍ରତିଶତ ସ୍ୱାବଲମ୍ବୀ ହୋଇପାରିନାହୁଁ। ତେଣୁ ଦେଶରେ ଆଉ ଏକ ସବୁଜ ବିପ୍ଳବର ଆବଶ୍ୟକତା ରହିଛି ବୋଲି ଅନେକ ମତପ୍ରକାଶ କରୁଛନ୍ତି। ଗତ ୭୯ ବର୍ଷ ଭିତରେ ଆମର ଖାଦ୍ୟ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇଛି। କିନ୍ତୁ ଏହା ଆମ ଜନସଂଖ୍ୟା ତୁଳନାରେ ପର୍ଯ୍ୟାପ୍ତ ନୁହେଁ। ସ୍ୱାଧୀନତା ପରେ ଇତିମଧ୍ୟରେ ଜନସଂଖ୍ୟା ୪ଗୁଣ ବୃଦ୍ଧି ପାଇଛି। ୧୯୪୭ରେ ଦେଶର ଜନସଂଖ୍ୟା ଥିଲା ୩୫ କୋଟି। ଏବେ ଏହା ୧୪୦ କୋଟିରୁ ଅଧିକ। ଏତେ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇବା ବାସ୍ତବରେ ଏକ କଠିନ ବ୍ୟାପାର। ଆମେ ଗହମ ଓ ଚାଉଳ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛୁ। କିନ୍ତୁ ଡାଲିଜାତୀୟ ଫସଲ ଏବଂ ତୈଳବୀଜ ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇପାରିନୁ। ଫଳ ଓ ପନିପରିବା ଉତ୍ପାଦନ ୧୪୦ କୋଟି ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଆମକୁ ଅନେକ ସମୟରେ ଏହାର ଆବଶ୍ୟକତା ପୂରଣ ନିମନ୍ତେ ବିଦେଶରୁ ଏସବୁ ସାମଗ୍ରୀ ଆମଦାନୀ କରିବାକୁ ପଡ଼ିଥାଏ। ବିଦେଶରୁ ଆମଦାନୀ ନହୋଇପାରିଲେ ଏଠାରେ ଅଭାବ ଓ ଦର ବୃଦ୍ଧି ହୋଇଥାଏ। ୟୁକ୍ରେନ-ରଷିଆ ଯୁଦ୍ଧ ପରେ ଭାରତରେ ଖାଇବା ତେଲର ଅଭାବ ଓ ଦରବୃଦ୍ଧି ଏହାର ଏକ ଉଦାହରଣ। ଗତ ଏପ୍ରିଲ ମାସରେ ଭାରତରେ ଅସ୍ୱାଭାବିକ ଗ୍ରୀଷ୍ମପ୍ରବାହ ଯୋଗୁ ଗହମ ଉତ୍ପାଦନ ୨୦% ହ୍ରାସ ପାଇଛି। ସେହିପରି ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବିଳମ୍ବରେ ଆସିବା ସହ ଅନେକ ସ୍ଥାନରେ ସ୍ୱଳ୍ପ ବୃଷ୍ଟିପାତ ବା ବର୍ଷାରେ ଅନିୟମିତତା ଦେଖା ଦେଇଛି। ତେଣୁ ଏଥର ଧାନଚାଷ ୬ ପ୍ରତିଶତ କମ ଜମିରେ ହୋଇଛି। ସେପଟେ କେତେକ ସ୍ଥାନରେ ବନ୍ୟା ଯୋଗୁ ଫସଲ ନଷ୍ଟ ହୋଇଛି। ଏସବୁକୁ ବିଚାର କଲେ ଚଳିତ ବର୍ଷ ଦେଶରେ ଖରିଫ ପସଲ ବିଶେଷ କରି ଧାନ ଉତ୍ପାଦନ ଅତି କମରେ ୧୦ ପ୍ରତିଶତ କମ ହେବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଗତ ମେ' ମାସରେ ଗହମ ଏବଂ ଜୁଲାଇରେ ଅଟା ଓ ସିମେଇ ରପ୍ତାନୀ ଉପରେ କଟକଣା ଲାଗୁ କରିଛନ୍ତି। ସେହିପରି ଭଙ୍ଗା ଚାଉଳ ରପ୍ତାନୀକୁ ମଧ୍ୟ ବନ୍ଦ କରାଯାଇଥିବା ବେଳେ ଅଣବାସମତି ଚାଉଳ ରପ୍ତାନୀ ଉପରେ ୨୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ତେଣୁ ଭାରତରୁ ଚାଉଳ ରପ୍ତାନୀ ହ୍ରାସ ପାଇଛି। ଡବ୍ଲ୍ୟୁଟିଓରେ ଭାରତର ଏହି ପଦକ୍ଷେପକୁ ସମାଲୋଚନା କରାଯାଇଛି। ଭାରତ ଭଳି ଏକ କୃଷି ପ୍ରଧାନ ଦେଶ ଖାଦ୍ୟ ରପ୍ତାନୀ ଉପରେ କଟକଣା ଜାରି କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟ ଆହୁରି ଜଟିଳ ହେବ ବୋଲି ଅନେକ ଆଶଙ୍କା ବ୍ୟକ୍ତ କରିଛନ୍ତି। କିନ୍ତୁ ଏଥିପାଇଁ ଭାରତକୁ ଦୋଷ ଦେବା ଅନ୍ୟାୟ ହେବ। ଭାରତ ସରକାର ନିଜ ଦେଶର ନାଗରିକଙ୍କ ସ୍ୱାର୍ଥ ବିଷୟରେ ପ୍ରଥମେ ଚିନ୍ତା କରିବାରେ କିଛି ଭୁଲ ନାହିଁ। ୧୪୦ କୋଟି ଲୋକଙ୍କୁ ଖାଇବାକୁ ଦେବା ଏତେ ସହଜ ନୁହେଁ। ଆମେରିକା ଭଳି ଏକ ଧନୀ ରାଷ୍ଟ୍ର ମଧ୍ୟ ଏଭଳି ପରିସ୍ଥିତିରେ ହାର ମାନିଯିବ। ତେଣୁ ରପ୍ତାନୀ ବନ୍ଦ ପାଇଁ ଭାରତକୁ ଦୋଷ ଦିଆଯାଇପାରିବ ନାହିଁ। ଭାରତ ସରକାରଙ୍କ କହିବା କଥା ହେଲା ଦେଶରେ ଗହମ ଓ ଚାଉଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେଣୁ ବ୍ୟସ୍ତ ବିବ୍ରତ ହେବାର କିଛି କାରଣ ନାହିଁ। କିନ୍ତୁ ଅନ୍ୟ ପକ୍ଷରେ ଭାରତ ଗହମ, ଚାଉଳ ଓ ଅନ୍ୟ କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରି ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିଥାଏ। ଏହା ବି ଜରୁରୀ। କାରଣ ଏହି ଅର୍ଥରେ ଆମକୁ ଅଶୋଧିତ ତୈଳ ଏବଂ ପ୍ରତିରକ୍ଷା ସାମଗ୍ରୀ କିଣିବାକୁ ପଡୁଛି। ଔଷଧ, ସାର, କୋଇଲା କିଣିବାକୁ ପଡୁଛି।

# ପାନୀୟ ଜଳ ସମସ୍ୟା

"

*ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।*

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

॥ ଅନୀତା ପଟ୍ଟନାୟକ ॥

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଚ୍ଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା 'ଓଁ ଶ୍ରୀ କୋଳାହଳପ୍ରିୟାୟ ନମଃ'। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ 'ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ'। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ



ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛ। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚି ପାରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼ିନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। 'ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ'। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?

ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କଫୋର୍ସର ଷଡଯନ୍ତ୍ରକାରୀ

॥ ସୌମେନ୍ଦ୍ର ଜେନା ॥

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ। ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧକ୍ଷ ୪ବର୍ଷ ଧରି ରହିଥିଲେ। ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚରିଟିଜର ଅଧକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ। ୧୯୬୭ରେ ଏହା ଆରମ୍ଭ ହୋଇଥିଲା। ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା। ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି। ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି। ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ। ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ। ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା। ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି। ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମୁଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍‌ସରେ ମଧ୍ୟ କାର୍ଯ୍ୟ କରିଥିଲେ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ। ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚରିଆଡୁ ଚନ୍ଦା ସଂଗ୍ରହ କରିଛି। କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି। କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚନ୍ଦା ସଂଗ୍ରହ କରିଥିଲା। ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା। ଅଲ୍ ଖିଦମତ ହିଜବୁଲ ମୁଜାହିଦ୍ଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ। କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି। ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର। ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ। ସେବା ଆଳରେ ସନ୍ତ୍ରାସର ଚରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩

## ବନ୍ୟା ସମୟରେ କୁମ୍ଭୀର ସତର୍କତା : ଫୁଲନଖରା ବନାଞ୍ଚଳ ତରଫରୁ ଜନସଚେତନତା ଅଭିଯାନ



କଣ୍ଟାପଡ଼ା, (ମହାଭାରତ): ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କାଠଯୋଡ଼ି, ସିଡୁଆ ଓ ଦେବୀକନ୍ଦଳ ନଦୀରେ କୁମ୍ଭୀର ଭାସି ଆସିବାର ସମ୍ଭାବନା ଥିବାରୁ ଫୁଲନଖରା ବନାଞ୍ଚଳ ପକ୍ଷରୁ ନଦୀକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଜନସଚେତନତା ଅଭିଯାନ ଆରମ୍ଭ କରାଯାଇଛି।ବନ ବିଭାଗର କର୍ମଚାରୀମାନେ ବିଭିନ୍ନ ଗ୍ରାମରେ ପହଞ୍ଚି ସଚେତନତା ବ୍ୟାନର ପ୍ରଦର୍ଶନ କରିବା ସହ ମାଇକ୍ ଯୋଗେ ସ୍ଥାନୀୟ ଲୋକଙ୍କୁ ସତର୍କ କରୁଛନ୍ତି।ବନ୍ୟା ସମୟରେ କୁମ୍ଭୀର ନଦୀର ପ୍ରଖର ସ୍ରୋତରେ ଭାସି ଜନବସତି ନିକଟସ୍ଥ ନଦୀ,ନାଳ ଓ ଜଳାଶୟରେ ପ୍ରବେଶ କରିପାରନ୍ତି।ଏହାକୁ ଦୃଷ୍ଟିରେ ରଖି ନଦୀରେ ଗାଧୋଇବା, ମାଛ ଧରିବା,ପାଣି ଆଣିବା ଏବଂ ନଦୀକୂଳରେ ଅନାବଶ୍ୟକ ଭିଡ଼ ନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।ଫୁଲନଖରା ବନାଞ୍ଚଳର ଅଧିକାରୀ ଓ କର୍ମଚାରୀ କହିଛନ୍ତି, କୌଣସି ସ୍ଥାନରେ କୁମ୍ଭୀର ଦେଖାଗଲେ ତାହାକୁ ବିରକ୍ତ କିମ୍ବା ଧରିବାକୁ ଚେଷ୍ଟା ନ କରି ତୁରନ୍ତ ନିକଟସ୍ଥ ବନ କାର୍ଯ୍ୟାଳୟ କିମ୍ବା ବନ କର୍ମଚାରୀଙ୍କୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ସମୟୋପଯୋଗୀ ସୂଚନା ମିଳିଲେ କୁମ୍ଭୀରକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ଜନସାଧାରଣଙ୍କ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରାଯାଇପାରିବ। ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଲୋକଙ୍କ ସଚେତନତା,ସତର୍କତା ଓ ସହଯୋଗ ମାଧ୍ୟମରେ ମଣିଷ ଏବଂ ବନ୍ୟପ୍ରାଣୀ ଉଭୟଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ତେଣୁ ବନ୍ୟା ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ନଦୀକୂଳବର୍ତ୍ତୀ ଅଞ୍ଚଳରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ସହ ବନ ବିଭାଗର ପରାମର୍ଶକୁ ପାଳନ କରିବା ପାଇଁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି।

# ଲଗାଣ ବର୍ଷା ଯୋଗୁ ଧୋଇ ହୋଇଯାଇଛି କପର୍ ଡ୍ୟାମ

ଯୋଡ଼ା, (ମହାଭାରତ): ଯୋଡ଼ା ବ୍ଲକରେ ନିର୍ମାଣଧୀନ କାନପୁର ଡ୍ୟାମରେ ଅସ୍ଥାୟୀ ମାଟି ବନ୍ଧ ବା କପର ଡ୍ୟାମଟି ଲଗାଣ ବର୍ଷା ଫଳରେ ଧୋଇ ହୋଇଯାଇଛି। ପ୍ରମ ।ଏହି କପର ଡ୍ୟାମ ନିର୍ମାଣ କରାଯାଇ ମୁଖ୍ୟ ବନ୍ଧର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଚାଲିଥିଲା। ବୁଧବାର ବିଳମ୍ବିତ ରାତିରେ କପର ଡ୍ୟାମରେ ଫାଟ ସୃଷ୍ଟି ହୋଇ ଏହା ଜଳ ଚାପ ସମ୍ଭାଳି ନ ପାରି ଭାଙ୍ଗି ଯାଇଥିଲା। ପରବର୍ତ୍ତୀ ସମୟରେ ଜଳ ଭଣ୍ଡାରରେ ଥିବା ବିପୁଳ ଜଳରାଶି କାନପୁର ଡ୍ୟାମର ୧୨ ଗୋଟି ଗେଟ୍ ଦେଇ ବୈତରଣୀ ନଦୀରେ ପ୍ରବାହିତ ହେଉଛି। ସତର୍କତା ସୂଚକ ସାଇରନ ଅନବରତ ଭାବେ ବୁଧବାର ରାତି ଠାରୁ ବନ୍ୟାକୁ ଦୃଷ୍ଟିରେ ରଖି ବାଜି ଚାଲିଥିଲା। କପର ଡ୍ୟାମ ମାଟିରେ ନିର୍ମାଣ ହୋଇ ଥିବାରୁ ଏହାକୁ ବିପଦ ସଙ୍କୁଳ ଘୋଷଣା କରିବା ସହିତ ସେଠାରେ ପୋଲିସ ମୁତୟନ କରାଯାଇଛି। ଜନସାଧାରଣଙ୍କୁ କପର ଡ୍ୟାମ ଅଞ୍ଚଳକୁ ବାରଣ କରାଯାଇଛି। ୧୨ ଗୋଟି ଗେଟ୍ ର ନିର୍ମାଣ ଗତ ୬ ମାସ ଧରି ଫେବ୍ରିକେସନ ଏବଂ ସିଭିଲ କାମ ଚାଲିଥିବା ବେଳେ ଜଳ ଭଣ୍ଡାରର ଜଳକୁ ରୋକିବା ପାଇଁ ମୁଖ୍ୟ ବନ୍ଧ ପରିସରରେ ଏହି ଅସ୍ଥାୟୀ ମାଟି ବନ୍ଧ ବା କପର ଡ୍ୟାମଟି ନିର୍ମାଣ କରାଯାଇ



ବନ୍ଧର ଅତି ଗୁରୁତ୍ୱପୂର୍ଣ୍ଣ ଡିପ୍ଲିସନ ସ୍ଲୁଇସ ନିର୍ମାଣ କାର୍ଯ୍ୟ ଚାଲିଥିଲା । ବୁଧବାର ଦିନ ଏହି ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଏହାର ଢଳେଇ ଛାତ ପଡ଼ିଥିଲା। ତେଣେ ଡିପ୍ଲିସନ ସ୍ଲୁଇସ ଗେଟ୍ ସେଠାରେ ବସିବା କାର୍ଯ୍ୟ ବାକି ରହିଛି।

ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହେନ୍ଦ୍ର ବେହେରା ସୂଚନା ଦେଇ କହିଛନ୍ତି ଯେ, ବନ୍ଧରେ ପୂର୍ବରୁ ଏହି ଡିପ୍ଲିସନ ସ୍ଲୁଇସ ନିର୍ମାଣ ହୋଇନଥିଲା। ଯଦିଓ ଏହା ବନ୍ଧ ଆରମ୍ଭ ସମୟରେ ନିର୍ମାଣ ହେବା କଥା ଏବଂ ଏହି ସ୍ଲୁଇସ ଗେଟ୍ ଜରିଆରେ ଜଳ ଭଣ୍ଡାରରେ ଜଳ ଉଛୁଳିଲେ ଏହି ଗେଟ୍ ଜରିଆରେ ନିୟନ୍ତ୍ରଣ କରି ଗେଟରେ ଜଳ ନିଷ୍କାସନ କରାଯାଇ ପାରିଥାନ୍ତା। ବିଳମ୍ବ ସତ୍ତ୍ୱେ ମଧ୍ୟ ଏହି କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଲଗାଣ ବର୍ଷା ଫଳରେ ଅସ୍ଥାୟୀ ମାଟି ବନ୍ଧ ଧସି ଯିବାରୁ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣେ ନାମକୁ ଗୋପନ ରଖିବା ସର୍ତ୍ତରେ ଜନୈକ ଠିକା ସଂସ୍ଥାର ଇଞ୍ଜିନିୟର ସୁଚନା ଦେଇଛନ୍ତି ଯେ, ଡିପ୍ଲିସନ୍ ସ୍ଲୁଇସ ନିର୍ମାଣରେ ବିଳମ୍ବ, ସମ୍ପୂର୍ଣ୍ଣ କେନାଲ ନିର୍ମାଣରେ ବିଳମ୍ବ, ଜଳ ଭଣ୍ଡାରରେ ଚଳିତ ବର୍ଷ ଜଳ ଧାରଣ କରିବା ସମ୍ଭବ ନୁହେଁ। ସେ ଅଧିକାରୀ ଜଣକ ଏକ ସମ୍ବେଦନଶୀଳ ସୂଚନା ଦେଇ କହିଛନ୍ତି ଯେ, ଦୁଇ ବର୍ଷର କାର୍ଯ୍ୟ ଆହୁରି ବାକି ରହିଛି। ଯଦି ୧୨ ଗୋଟି ଗେଟ୍ ନିର୍ମାଣ ହୋଇଥିବା ବନ୍ଧ ନିକଟରୁ ୫୦୦ ମିଟର ପର୍ଯ୍ୟନ୍ତଗାର୍ଡ ୱାଲ୍ ଓ କଂକ୍ରିଟ କରାନଯାଏ ତାହା ହେଲେ ଜାତୀୟ ରାଜପଥ ପ୍ରାଧିକରଣର ଏନ୍‌ଏଚ ୫୨୦ ରେ ନିର୍ମାଣ ହୋଇଥିବା ପୋଲ ପ୍ରତି ବିପଦ ସୃଷ୍ଟି ହେବ । ଯାହାକି ଏକ ଉଦବେଗ ଜନକ ବିଷୟ। ଏହାକୁ ଅତିଶୀଘ୍ର ସର୍ବେକ୍ଷଣ କରାଯାଇ ଏହାର ନିରାକରଣ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ କରାଇବା ଉଚିତ୍ ବୋଲି ଯୋଡ଼ା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଗିରିଧାରୀ ନାଏକ, ଜିଲ୍ଲା ପରିଷଦ ଡମ୍ବରୁଧର କୁଦାଦା, ଜଗନ୍ନାଥ ତିରିଆ, ଈଶ୍ୱର ଗିରି ପ୍ରମୁଖ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା କହିଛନ୍ତି ଯେ, ବୁଧବାର ବିଳମ୍ବିତ ରାତିରୁ ଡାକବାଜି ଯନ୍ତ୍ର ଯୋଗେ ବୈତରଣୀ ନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ବନ୍ୟା ସମ୍ପର୍କିତ ସତର୍କତା ସୂଚନା ଦିଆଯାଇଛି।ଗୃହ ପାଳିତ ପଶୁ ପକ୍ଷୀ ଙ୍କ ସୁରକ୍ଷା ,ଧନ ଜୀବନ ହାନି କୁ ରୋକିବା ପାଇଁ ଡାକ ବାଜି ଯନ୍ତ୍ର ସାହାଯ୍ୟରେ କ୍ଲୋଜ୍ ମୋନିଟରିଂ କରାଯାଉ ଥିବା କହିବା ସହିତ କାନପୁର ଡ୍ୟାମ ମୁଖ୍ୟ ବନ୍ଧ ପ୍ରତି କୌଣସି ବିପଦ ନାହିଁ । କେବଳ ଅସ୍ଥାୟୀ କପର ଡ୍ୟାମ ବା ମାଟି ବନ୍ଧଟି ଧୋଇ ହୋଇଯାଇଛି ବୋଲି କହିଥିଲେ। କାନପୁର ବନ୍ଧର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହେନ୍ଦ୍ର ବେହେରା ସୂଚନା ଦେଇ କହିଛନ୍ତି ଯେ, ଅସ୍ଥାୟୀ ମାଟି ବନ୍ଧ ଧୋଇ ଯିବା ଫଳରେ ବୈତରଣୀ ନଦୀ ବନ୍ୟା ଜଳରେ ପ୍ଲାବିତ ହୋଇ ଯାଇଛି। ଜଳ ଭଣ୍ଡାରର ୪୪୦ ମିଟର ପାଣି କ୍ଷମତା ରହି ଥିବା ବେଳେ ଦିନ ୧୨ ଟା ପର୍ଯ୍ୟନ୍ତ ବର୍ତ୍ତମାନ ବର୍ତମାନ ୪୩୨.୩୪ ମିଟର ପାଣି ରହିଛି । ସ୍ଲୁଇସ୍ ଗେଟ୍ ଦେଇ ୧୬୦ କ୍ୟୁବିକ୍ ମିଟର ପ୍ରତି ସେକେଣ୍ଡ ରେ ନିଷ୍କାସନ ହେଉଥିବା ବେଳେ ଅର୍ଦ୍ଧ ନିର୍ମିତ କେନାଲ ବାଟେ ୩୯.୧୨୮ କୁବିକ ମିଟର ପ୍ରତି ସେକେଣ୍ଡ ପାଣି ନିଷ୍କାସନ ହେଉଛି । ଗତ ତା ୧/୦୬/୨୦୨୬ ରିଖରୁ ଅନୂପତିକ ବର୍ଷ। ୩୯୩.୬୦ ମିଲି ମିଟର ହୋଇ ଥିବା ବେଳେ ଗତ ଏକ ଘଣ୍ଟା ମଧ୍ୟରେ ବର୍ଷା ହୋଇ ନ ଥିବା ଯନ୍ତ୍ରୀ ମହେନ୍ଦ୍ର ବେହେରା ସୂଚନା ଦେଇଛନ୍ତି ।ତେଣେ ସୁନ୍ଦର ଗଡ ଜିଲ୍ଲା ତଥା ସୁନା ନଦୀ ର ଉପର ମୁଣ୍ଡରେ ବର୍ଷା। ହ୍ରାସ ପାଇବାରୁ ସୁନା ନଦୀ ରେ ମଧ୍ୟ ଜଳ ସ୍ରୋତ କମିଛି । ଜଳ ଭଣ୍ଡାରର କ୍ୟାଚ ପଏଣ୍ଟ ସ୍ଥାନରେ ନିର୍ମାଣ ହୋଇଥିବା ଦୁଇଟି ବୃହତ ଖଣି କମ୍ପାନୀର ଇନଷ୍ଟେକ ୱେଲ ବା କୂଅ ପ୍ରଭାବିତ ହୋଇଛି।

## ଅଦଶ ବର୍ଷ ଧରି ବନ୍ଦ ପଡ଼ିଛି ସ୍କୁଲ: ପୁନଃ ଖୋଲିବାକୁ ଗ୍ରାମବାସୀଙ୍କ ସାମୂହିକ ସଙ୍କଳ୍ପ, ସରକାରଙ୍କ ହସ୍ତକ୍ଷେପ ଦାବି



ଲକ୍ଷ୍ମୀପୁର, (ମହାଭାରତ) : ଶିକ୍ଷା ହେଉଛି ସମାଜର ବିକାଶର ମୂଳଦୁଆର। କିନ୍ତୁ କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ଗ୍ରାମରେ ଦୀର୍ଘ ୧୦ ବର୍ଷ ଧରି ସରକାରୀ ସ୍କୁଲ ବନ୍ଦ ରହିଥିବାରୁ ଗ୍ରାମର ଶିଶୁମାନଙ୍କ ଶିକ୍ଷା ଗଭୀର ଭାବେ ପ୍ରଭାବିତ ହୋଇଛି। ସ୍କୁଲ ପୁନର୍ବାର ଚାଲୁ କରିବା ଦାବିରେ ଗ୍ରାମବାସୀମାନେ ଏକ ସାଧାରଣ ବୈଠକର ଆୟୋଜନ କରି ସରକାର ଓ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବୈଠକରେ ଗ୍ରାମର ବହୁ ବରିଷ୍ଠ ଓ ଯୁବ ସଦସ୍ୟ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିବା ସହ ଗାଁରେ ପୁଣିଥରେ ସରକାରୀ ସ୍କୁଲ ଖୋଲିବା ପାଇଁ ଏକମତ ପ୍ରକାଶ କରିଥିଲେ। ଏହି ବୈଠକରେ ଅଶୋକ ଖରା, ଦାଉଦ ଖରା, ପ୍ରଶାନ୍ତ ହିଆଲ, ଭାସ୍କର ବାଘ, ପ୍ରମୋଦ କୁମାର ହିଆଲ, ସୁରେନ୍ଦ୍ର ହିଆଲ, ଗୁଜୁରୁ ମୁଦୁଲି, ପୂର୍ଣ୍ଣ ଦିଶାରୀ, ବିଶୁ ଜାନି, ଆନ୍ଥନ ବାଘ, ରତ୍ନାକର ବାଘ, ହର୍ଷ ତୁରୁକ ଏବଂ ସଞ୍ଜୟ ଖରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସ୍କୁଲ ବନ୍ଦ ହୋଇଥିବାରୁ ଛୋଟ ଛୋଟ ପିଲାମାନେ ଦୂରସ୍ଥ ସ୍କୁଲକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏଥିରୁ ଅନେକ ଶିଶୁଙ୍କ ପାଠପଢ଼ା ବ୍ୟାହତ ହେଉଥିବା ସହ କେତେକ କ୍ଷେତ୍ରରେ ପାଠଛାଡ଼ାର ଆଶଙ୍କା ମଧ୍ୟ ବଢୁଛି।ତେଣୁ ଗ୍ରାମବାସୀମାନେ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ଶୀଘ୍ର ପଦକ୍ଷେପ ନେଇ ପିଣ୍ଡାପଦର ଗ୍ରାମରେ ସରକାରୀ ସ୍କୁଲ ପୁନଃ ଚାଲୁ କରିବା କିମ୍ବା ନୂତନ ସ୍କୁଲ ସ୍ଥାପନ କରିବା ପାଇଁ ଦୃଢ଼ ଦାବି ଜଣାଇଛନ୍ତି। ସେମାନଙ୍କ ମତରେ, ଗ୍ରାମର ଶିଶୁମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଶିକ୍ଷାର ଅଧିକାରକୁ ପ୍ରାଥମିକତା ଦେବା ଅତ୍ୟାବଶ୍ୟକ।

## ସାତ ମାସ ଧରି ବନ୍ଧ ବରଗାଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-ସ୍ୱାସ୍ଥ୍ୟକେନ୍ଦ୍ର, ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ବରଗାଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାୟ ସାତ ମାସ ଧରି ବନ୍ଧ ରହିଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଧ ରହିବା ଫଳରେ ବାରଗାଁ ସମେତ ଆଖପାଖ ଅଞ୍ଚଳର ଅନେକ ଲୋକ ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।ଗ୍ରାମବାସୀଙ୍କ କହିବା ଅନୁସାରେ, ସାଧାରଣ ଜ୍ୱର ସର୍ଦ୍ଦି କାଶ ଛୋଟମୋଟ ରୋଗ ହେଲେ ମଧ୍ୟ ଚିକିତ୍ସା ପାଇଁ ଦୂରସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ଏଥିରେ ସମୟ ଓ ଅର୍ଥ ଉଭୟର ଅଧିକ ବ୍ୟୟ ହେଉଥିବା ସହ ରୋଗୀମାନେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି ।ବିଶେଷ କରି ଗର୍ଭବତୀ ମହିଳା ଶିଶୁ ବୃଦ୍ଧବୃଦ୍ଧା ଓ




ନିକଟସ୍ଥ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନେ ଅଧିକ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଜରୁରୀ ସମୟରେ ତୁରନ୍ତ ଚିକିତ୍ସା ସୁବିଧା ନ ମିଳିବାରୁ ଚିନ୍ତା ବଢ଼ିଛି ।ସ୍ଥାନୀୟ ଲୋକଙ୍କ ମତରେ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରିଥିଲେ ମଧ୍ୟ ବରଗାଁ ଉପ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଧ ରହିବା ଯୋଗୁ ଏହାର ଉଦ୍ଦେଶ୍ୟ ବିଫଳ ହେଉଥିବା ଦେଖାଯାଉଛି। ଗ୍ରାମବାସୀମାନେ ଦାବି କରିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାର ତୁରନ୍ତ ତଦନ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିବାର କାରଣ ସାର୍ବଜନୀନ କରିବା ସହ ଯଥାଶୀଘ୍ର ସେବା ସ୍ୱାଭାବିକ କରିବାକୁ ଅନୁରୋଧ କରିଛନ୍ତି। ଏବଂ ଏହି କେନ୍ଦ୍ର ପୁନର୍ବାର ନିୟମିତ ଭାବେ ଖୋଲିଲେ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହେବ।

## ବାରକୋଟରେ ଶବ ବ୍ୟବଚ୍ଛେଦ ଗୃହ ଉଦଘାଟିତ

ଦେବଗଡ, (ମହାଭାରତ) : ବାରକୋଟ ବ୍ଲକ ସଦର ମହକୁମାରେ ବହୁ ପ୍ରତିକ୍ଷିତ ଶବ ବ୍ୟବଚ୍ଛେଦ ଗୃହ ଆଜି ଉଦଘାଟିତ ହୋଇଯାଇଛି । ବାରକୋଟ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଣି ସବିତା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତାକାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବାରକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କୃଷ୍ଣଚନ୍ଦ୍ର ବାଇପୋଇ, ଥାନା ଅଧିକାରୀ ସୁଶାନ୍ତ କୁମାର ବଢାଇ, ବରିଷ୍ଠ ନାଗରିକ ରମାକାନ୍ତ ପ୍ରଧାନ ଓ ଯଦୁମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜି ଶବ ବ୍ୟବଚ୍ଛେଦ ଗୃହ ଉଦଘାଟନ ପରେ ପ୍ରଥମ ଶବ ବ୍ୟବଚ୍ଛେଦ କରାଯାଇଥିଲା । ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ପୂର୍ବରୁ ଉକ୍ତ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନଥିଲା । ଫଳରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ଦେବଗଡ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ତୁରନ୍ତ କାର୍ଯ୍ୟକାରୀ ପାଇଁ ବାରମ୍ବାର ଦାବି ଜଣାଇ ଆସୁଥିଲେ । ଶେଷରେ ଆଜି ଏହାର ଉଦଘାଟନ କରାଯାଛି । ଫଳରେ ବାରକୋଟ ଅଂଚଳରୁ ବ୍ୟବଚ୍ଛେଦ ପାଇଁ ଦେବଗଡକୁ ଶବ ଅଣାଯାଇ ଲୋକେ ଖର୍ଚ୍ଚାନ୍ତର ଶିକାର ହେଉଥିବା ବେଳେ ଏବେ ସେମାନଙ୍କ ପାଇଁ ସୁବିଧା ହେବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରୀକ ସାମିଲ ହୋଇଥିଲେ ।

## ୨୫ ଲକ୍ଷ ସାହାଯ୍ୟ ଦେବେ ବୋଲି କହି ୨ ଲକ୍ଷ ପାଞ୍ଚ ହଜାର ଲୁଟିନେଲ ଠକ

ଆଳି, (ମହାଭାରତ) : ଇଟାଲିର ଜଣେ ବ୍ୟକ୍ତି ୨୫ ଲକ୍ଷ ଟଙ୍କା ସାହାଯ୍ୟ ଯୋଗାଇ ଦେବାକୁ କହି ଆଳି ଥାନା ମାନପୁର ଗ୍ରାମର ବିରେନ କୁମାର ବାରିକଙ୍କ ଠାରୁ ଦୁଇ ଲକ୍ଷ ପାଞ୍ଚ ହଜାର ଟଙ୍କା ଲୁଟି ନେଇଛନ୍ତି । ଏ ନେଇ ବିରେନ ଆଳି ଥାନାରେ ଅଭିଯୋଗ କରିଛନ୍ତି । ବିରେନଙ୍କ ଅଭିଯୋଗ ଅନୁଯାୟୀ ଗତ ୨୫ ତାରିଖ ଦିନ ଏକ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଜଣେ ବ୍ୟକ୍ତି ଇଟାଲୀରୁ ଫୋନ କରି ସେ ତାଙ୍କ ମୋବାଇଲକୁ ୨୦ ହଜାର ଡ଼ଲାର ଭାରତୀୟ ମୁଦ୍ରା (୨୫ ଲକ୍ଷ )ଟଙ୍କା ପଠାଇଥିବା ନେଇ ଜଣାଇଥିଲେ । ଏହାର କିଛି ସମୟ ପରେ ତାଙ୍କୁ ଟଙ୍କା ପାଇବା ନିମନ୍ତେ କିଛି ଖର୍ଚ୍ଚ କରିବାକୁ ପଡିବ କହି ତାଙ୍କୁ ଟଙ୍କା ମାଗିଥିଲେ। ବିରେନ ଆଠ ଥରରେ ୧ ଲକ୍ଷ ୨୩ ହଜାର ଟଙ୍କା ଦେବା ପରେ ପୁନର୍ବାର ଆଉ ଏକ ଫୋନ କଲରେ ଏକ ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ଟଙ୍କା ମଗାଯିବା ପରେ ମାନପୁର ଷ୍ଟେଟ ବ୍ୟାଙ୍କରୁ ୭୨ ହଜାର ଟଙ୍କା ପଠାଇ ଥିଲେ । ଏହି ଟଙ୍କା ପଠାଇବାର ପରଦିନ ପୁନର୍ବାର ଫୋନ ପେ ମାଧ୍ୟମରେ ୧୦ ହଜାର ଟଙ୍କା ଦେଇଥିଲେ । ବିଭିନ୍ନ ନମ୍ବରରୁ ଫୋନ କରି ପର୍ଯ୍ୟାୟକ୍ରମେ ତାଙ୍କ ନିକଟରୁ ଦୁଇ ଲକ୍ଷ ପାଞ୍ଚ ହଜାର ଟଙ୍କା ଲୁଟିନେବା ପରେ ବିରେନ ଆଳି ପୋଲିସର ଏ ନେଇ ଅଭିଯୋଗ କରିଛନ୍ତି ।

## ମ୍ୟାଲେରିଆ,ଡେଙ୍ଗୁ ପାଇଁ ଜିଲ୍ଲା ଟ୍ୟାକ୍ସ ଫୋର୍ସ ବୈଠକ

ଦେବଗଡ, (ମହାଭାରତ) : ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସଂଘମିତ୍ରା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମ୍ୟାଲେରିଆ ଓ ଡେଙ୍ଗୁ ୨୦୨୬ ଉପରେ ଜିଲ୍ଲା ଟ୍ୟାକ୍ସ ଫର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜିଲ୍ଲାପାଳ ଶ୍ରୀ ସାହୁ ଯୋଗଦେଇ ଜିଲ୍ଲାରୁ ମ୍ୟାଲେରିଆ ଓ ଡେଙ୍ଗୁ ଚିହ୍ନଟ ଓ ନିରାକରଣ କରିବା,ରୋଗର ସତର୍କତା ଓ ସଚେତନତା ଉପରେ ଆଲୋକପାତ କରିଥିଲେ ।ଏହା ଏଡିସ୍ ମଶା ବଂଶବୃଦ୍ଧି ରୋକିବା ପାଇଁ ବିଭିନ୍ନ ଟାୟାର ମରାମତି ଦୋକାନ ଓ ପାଣି ଯମୁଥିବା ସ୍ଥାନ ମାନଙ୍କରେ ସଚେତନତା ରହିବା ମଶା କାମୁଡିବା ଦାଉରୁ ନିୟମିତ ମଶାରି ବ୍ୟବହାର କରିବା ନିମନ୍ତେ ଜନସଚେତନତା ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ,ଉପଜିଲ୍ଲାପାଳ ପରକ୍ଷିତ ସାହୁ ,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦିଲ୍ଲୀପ କୁମାର୍ ପ୍ରଧାନ , ଡଃ.ମନୋରଞ୍ଜନ ସାମଲ ,ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍,କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ କଳିଙ୍ଗ ଆଶିଷ ଶତପଥି,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ,ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳବନ୍ଦୀରେ ଗଣିଆ ବ୍ଲକର ୩ ପଞ୍ଚାୟତ: ବାହ୍ୟଜଗତରୁ ବିଛିନ୍ନ, ସ୍ଥିତି ପରଖିଲେ ଜିଲ୍ଲାପାଳ



ଗଣିଆ, (ମହାଭାରତ): ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେବା ଫଳରେ ମହାନଦୀର ଜଳସ୍ତର ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଗଣିଆ ବ୍ଲକର ରାସଙ୍ଗ, ଛାମୁଣ୍ଡିଆ ଓ ବଡସିଲିଙ୍ଗ ପଞ୍ଚାୟତ ସଂପୂର୍ଣ୍ଣ ରୂପେ ଜଳବନ୍ଦୀ ହୋଇପଡ଼ିଛି । ଏହି ପଞ୍ଚାୟତବାସୀ ବର୍ତ୍ତମାନ ବାହ୍ୟଜଗତରୁ ବିଛିନ୍ନ ହୋଇଥିବାରୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ମହାନଦୀର ଜଳ ଉଛୁଳି ମୁଖ୍ୟ ରାସ୍ତା ଉପରେ ପ୍ରାୟ ୫ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି, ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଲୋକଙ୍କ ଜରୁରୀ ଯାତାୟାତ ପାଇଁ ୨ଟି ମୋଟର ଡଙ୍ଗା ନିୟୋଜିତ କରାଯାଇଛି। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ, ତହସିଲଦାର ଓ ବିଡ଼ିଓ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଅନ୍ୟପଟେ, ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲେ ସୁଦ୍ଧା ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ତରଫରୁ ବର୍ତ୍ତମାନ ସୁଦ୍ଧା କୌଣସି ରନ୍ଧା କିମ୍ବା ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇ ନଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଜଳବନ୍ଦୀ ଥିବା ଅଞ୍ଚଳରେ ତୁରନ୍ତ ରିଲିଫ୍ ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାକୁ ଦାବି ହେଉଛି ।

## ମରଣଯନ୍ତା ପାଲଟିଛି ଏମ୍.ଭି.-୭୯ରୁ ମୋଟୁ ଜାତୀୟ ରାଜପଥ : ରକ୍ଷଣାବେକ୍ଷଣ ଅଭାବରୁ ବଢୁଛି ଜନ ଅସନ୍ତୋଷ

ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲା ଦେଇ ଯାଇଥିବା ରାଞ୍ଚି–ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥର ଏମ୍.ଭି.-୭୯ରୁ ମୋଟୁ ପର୍ଯ୍ୟନ୍ତ ପ୍ରାୟ ସମ୍ପୂର୍ଣ୍ଣ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରକ୍ଷଣାବେକ୍ଷଣର ଅଭାବ ଓ ନିମ୍ନମାନର ମରାମତି କାର୍ଯ୍ୟ ଯୋଗୁଁ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହି ରାସ୍ତା ଉପରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ବସ୍, ମାଲବାହୀ ଟ୍ରକ୍, ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି ଓ ଦୁଇଚକିଆ ଯାନ ଚଳାଚଳ କରୁଥିବାବେଳେ ବର୍ତ୍ତମାନ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ସମ୍ପୂର୍ଣ୍ଣ ଉଠିଯାଇଛି। ସ୍ଥାନେ ସ୍ଥାନେ ବଡ଼ ବଡ଼ ଖାଲ ଓ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାନବାହନ ଚଳାଚଳ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ବିଶେଷକରି ବର୍ଷା ଦିନରେ ଗର୍ତ୍ତଗୁଡ଼ିକରେ



ପାଣି ଜମି ରହୁଥିବାରୁ ଚାଳକମାନେ ଗର୍ତ୍ତର ଗଭୀରତା ବୁଝିପାରୁ ନାହାନ୍ତି, ଫଳରେ ଦୁର୍ଘଟଣାର ଆଶଙ୍କା ଅନେକଗୁଣ ବଢ଼ିଯାଇଛି। ଦୁଃଖ ର ବିଷୟ ଏହି ରାସ୍ତା ଏମ.ଭି-୭୯ ରୁ ମୋଟୁ ଯିବାପାଇଁ ୩୦ ମିନିଟ ଲାଗେ କିନ୍ତୁ ଏହି ରାସ୍ତା ରେ ଏବେ ଯିବାକୁ ୧ :ଘଣ୍ଟା :୨୦ ମିନିଟ ଲାଗେ ଏହା ଏକ ଦୁଃଖ ର ବିଷୟ ଏଥିପାଇଁ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହଉଛନ୍ତି ତେବେ,ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାସ୍ତାର ମରାମତି ପାଇଁ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରାୟ ଦୁଇ ମାସ ତଳେ ରାସ୍ତାର ମରାମତି କାମ କରାଯାଇଥିଲେ ମଧ୍ୟ ତାହା ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଅଳ୍ପ ଦିନ ମଧ୍ୟରେ ପୁଣି ରାସ୍ତାର ପିଚୁ ଉଠିଯାଇଛି। ଫଳରେ ସରକାରୀ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ସାଧାରଣ ଲୋକ ଏହାର କୌଣସି ସୁଫଳ ପାଇପାରିନାହାନ୍ତି। ଏହି ଜାତୀୟ ରାଜପଥ ମାଲକାନଗିରି ଜିଲ୍ଲାକୁ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ସହ ସଂଯୋଗ କରୁଥିବା ଏକ ପ୍ରମୁଖ ସଡ଼କ ହୋଇଥିବାରୁ ପ୍ରତିଦିନ ଭାରୀ ଯାନବାହନର ଚଳାଚଳ ଲାଗି ରହିଥାଏ। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଯାତ୍ରୀମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସ୍ଥାନରେ ଗାଡ଼ି ଧୀର ଗତିରେ ଚଳାଇବାକୁ ବାଧ୍ୟ ହେଉଥିବାରୁ ସମୟ ନଷ୍ଟ ହେବା ସହ ଯାନବାହନର ମରାମତି ଖର୍ଚ୍ଚ ମଧ୍ୟ ବଢ଼ିଯାଉଛି। ଅଞ୍ଚଳବାସୀଙ୍କ ଅଭିଯୋଗ ହେଉଛି, ରାସ୍ତାର ଅବସ୍ଥା ନେଇ ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ବିଭାଗ ଉଦାସୀନ ମନୋଭାବ ପୋଷଣ କରୁଛି। ଏପରି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସେମାନେ କହିଛନ୍ତି। ତେଣୁ ଏମ୍.ଭି.-୭୯ରୁ ମୋଟୁ ପର୍ଯ୍ୟନ୍ତ ଜାତୀୟ ରାଜପଥର ସମ୍ପୂର୍ଣ୍ଣ ମରାମତି ସହ ଉଚ୍ଚମାନର ସ୍ଥାୟୀ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସ୍ଥାନୀୟ ବାସିନ୍ଦା, ଯାନଚାଳକ ଓ ବିଭିନ୍ନ ସାମାଜିକ ସଂଗଠନ ଦାବି କରିଛନ୍ତି। ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ, ତେବେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

## ଅନୁଗୋଳ 'ସକ୍ଷମ' ସ୍କୁଲ ରିପୋର୍ଟ କାର୍ଡ ୱେବ ସାଇଟ୍ ଉନ୍ମୋଚିତ

ଅନୁଗୋଳ, (ମହାଭାରତ): ସ୍ଥାନୀୟ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଗୋଳ ' 'ସକ୍ଷମ' ସ୍କୁଲ ରିପୋର୍ଟ କାର୍ଡ ୱେବ ସାଇଟ୍ ଉନ୍ମୋଚନ କରିଥିଲେ । ଶିକ୍ଷାର ଗୁଣାତ୍ମକ ମାନ ବିକାଶ ଓ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ହେଉଛି 'ସକ୍ଷମ' ର ମୂଳଲକ୍ଷ୍ୟ । ଏହି ୱେବ ସାଇଟ୍ ଶିକ୍ଷା ବ୍ୟବସ୍ଥାର ସମସ୍ତ ଅଂଶାଦାରମାନଙ୍କୁ ଏକ ସାଧାରଣ ମଞ୍ଚରେ ସଂଯୋଗ କରି ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀମତୀ ମଧୁସ୍ମିତା ନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ସ୍କିମ୍) ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକଙ୍କ ସମେତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।


## ମୁସ୍ତାଫାପୁର ପଞ୍ଚାୟତର ବିଭିନ୍ନ ଗାଁ ରେ ଲୋକମାନେ ବନ୍ୟା ଘେରରେ

ଧାମନଗର (ମହାଭାରତ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ମୁସ୍ତାଫାପୁର ପଞ୍ଚାୟତର ବିରିଗଡିଆ,, ଗୋବିନ୍ଦା ଗଡିଆ,,ବେଲମଳା,, ରଘୁନାଥପୁର,, ନୂଆପଡ଼ା,,ମୁସ୍ତାଫାପୁର ଗ୍ରାମରେ ବୈତରଣୀ ନଦୀର ଭୟଙ୍କର ବନ୍ୟା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାଣ ବର୍ଷା ସହ ନଦୀର ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବାରୁ ବନ୍ୟାଜଳ ଗାଁ ଭିତରକୁ ପ୍ରବେଶ କରି ଅନେକ ପରିବାରଙ୍କ ଘରଦ୍ୱାର, ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଓ ଦୈନନ୍ଦିନ ଜୀବନକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଅନେକ ମାଟି ଘର ଜଳମଗ୍ନ ହୋଇଥିବା ବେଳେ କେତେକ ସ୍ଥାନରେ ଘରର କାନ୍ଥ ଭୁଶୁଡ଼ି ପଡ଼ିବାର ଆଶଙ୍କା ଦେଖାଦେଇଛି। ବନ୍ୟାର ଭୟାବହତା ଦେଖି ଗ୍ରାମବାସୀମାନେ ନିଜ ନିଜର ଛୋଟ ଛୋଟ ପିଲାଛୁଆଙ୍କୁ ଧରି ନିରାପଦ ସ୍ଥାନକୁ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ଅନେକ ପରିବାର ସ୍ଥାନୀୟ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳୀ ଓ ଉଚ୍ଚ ସ୍ଥାନରେ ଅସ୍ଥାୟୀ ଭାବେ ରହୁଥିବା ବେଳେ ଅନ୍ୟମାନେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ବନ୍ୟାରେ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିବାରୁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି ବିଲବାଡ଼ି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବାରୁ ଚାଷୀମାନଙ୍କର ଧାନ ଓ ଅନ୍ୟାନ୍ୟ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

## ସାପୁଆ ନାଳକୁ ଶୌଚ ହେବାକୁ ଯାଇ ମହିଳା ନିଖୋଜ

ହିନ୍ଦୋଳ(ମହାଭାରତ)ସାପୁଆନାଳକୁ ଶୌଚ ହେବାକୁ ଯାଇ ଜଣେ ମହିଳା ନିଖୋଜ ଅଛନ୍ତି। ଏ ସଂପର୍କରେ ଦମକଳ ବାହିନୀକୁ ଖବର ଦେବାରେ ଦମକଳବାହିନୀ ଖୋଜାଖୋଜି ଆରମ୍ଭ କରିଛି। ସୂଚନା ଅନୁଯାୟୀ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ କୋଉମର ସାପୁଆନାଳକୁ ଆଜି ଦିନ ୪ଟା ସମୟରେ କୋଉମ ଗ୍ରାମର ଅଧିକାରୀ ଛତାରଙ୍କ ସ୍ତ୍ରୀ ନିଶା ଛତାର ଶୌଚ ହେବାକୁ ଯାଇ ଘରକୁ ଫେରିନଥିଲେ। ବିଳମ୍ବ ହେବାରୁ ଘର ଲୋକମାନେ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ। ଏ ସଂପର୍କରେ ଖବର ପାଇ ରାସୋଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ମହିଳାଙ୍କ ସନ୍ଧାନ ମିଳିପାରିନାହିଁ । ଆସନ୍ତା କାଲି ସକାଳେ ପୁନଃ ଖୋଜା ଖୋଜି କରାଯିବ ବୋଲି କୋତମ ସରପଞ୍ଚସୂଚନା ଦେଇଛନ୍ତି ।

## ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ନେତାଜୀର ସଂସ୍ଥାପନ ଓ ଦୀକ୍ଷାଗ୍ରହଣ ଉତ୍ସବ ଅନୁଷ୍ଠିତ



**ଭୁବନେଶ୍ୱର:**ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ନେତାଜୀ ପକ୍ଷରୁ ୨୦୨୬-୨୭ ଲାୟନିଷ୍ଟିକ ବର୍ଷ ପାଇଁ ଏକ ଭବ୍ୟ ସଂସ୍ଥାପନ ଓ ଦୀକ୍ଷାଗ୍ରହଣ ଉତ୍ସବ ଗତ ଜୁଲାଇ ୨୬ ତାରିଖରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଲାୟନ୍ ନେତୃବୃନ୍ଦ ଓ ସଦସ୍ୟସଦସ୍ୟା ଯୋଗଦେଇଥିଲେ।ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।ଏହାପରେ ସଭାପତିତ୍ୱ କରୁଥିବା ଆଞ୍ଚଳିକ ଅଧକ୍ଷ (ଜୋନ୍ ଚେୟାରପର୍ସନ୍) ଲାୟନ୍ ଡଃ ଗୌରୀ ଶଙ୍କର ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସମ୍ପାଦିକା ଲାୟନ୍ ସ୍ମିତାଞ୍ଜଳି ନାଥ କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ। ଗାଇଡିଂ ଲାୟନ୍ ସ୍ୱର୍ଣ୍ଣପ୍ରଭା ପାତ୍ର ଓ ଲାୟନ୍ ସୁରେଶ ଚନ୍ଦ୍ର ନାୟକଙ୍କ ପ୍ରେରଣାଦାୟୀ ଅଭିଭାଷଣ ପରେ, ଦୀକ୍ଷାଗ୍ରହଣ ଅଧିକାରୀ ଲାୟନ୍ ମେଜର ବ୍ରଜେନ୍ଦ୍ର ନାରାୟଣ ପଟ୍ଟନାୟକ ନୂତନ ସଦସ୍ୟଙ୍କୁ ଆନୁଷ୍ଠାନିକ ଭାବେ କ୍ଲବରେ ସାମିଲ କରିଥିଲେ।ଏହାପରେ ସଂସ୍ଥାପନ ଅଧିକାରୀ ଲାୟନ୍ ଦିଲ୍ଲୀପ କୁମାର ଦାସ ( ପୂର୍ବତନ ଜିଲ୍ଲା ରାଜ୍ୟପାଳ) ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇ ସଂସ୍ଥାପିତ କରିଥିଲେ।

## ଦିବ୍ୟ ଜୀବନ ସଂଘର ଗୁରୁପୂର୍ଣ୍ଣିମା ପାଳନ



**ରାଉରକେଲା,:**

ଛେଣ୍ଡ ସ୍ଥିତ ଦିବ୍ୟ ଜୀବନ ସଂଘ ପକ୍ଷରୁ ଗୁରୁପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ପାଣ୍ଡବ ସମ୍ପାଦକ କବିବର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମ ସାକ୍ଷାତକାର ନନ୍ଦଜୀ ମହାରାଜ ଯୋଗଦେଇ ଗୁରୁପୂର୍ଣ୍ଣିମା ପାଳନ ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବ୍ରହ୍ମ କିପରି ବ୍ୟାପକ, ସୃଷ୍ଟି ସ୍ଥିତି ପ୍ରଳୟ ଭକ୍ତି ଭଗବନ୍ତ ଆଦି ସମ୍ପର୍କରେ ବ୍ୟାପକ ଆଲୋଚନା ତଥା ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ଗୁରୁଙ୍କୁ ଆଶ୍ରା କରିବାକୁ ପଡ଼ିବ ବୋଲି ମତ ରଖିଥିଲେ। ଯିଏ ବ୍ରହ୍ମ ସିଏ ଇଶ୍ୱର,ସେ ହିଁ ବ୍ରହ୍ମାୟ ଭଗବାନ ସଂକଳ୍ପ ଦ୍ୱାରା ସୃଷ୍ଟି କରିଛନ୍ତି। ଯାହା ଆମର ଦୃଶ୍ୟମାନ ତାହା ବ୍ରହ୍ମ ରୁ ସୃଷ୍ଟି। ତେଣୁ ଏସମସ୍ତ ଜ୍ଞାନ ଆହରଣ ପାଇଁ ଗୁରୁନିଷ୍ଠ ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଯୋଗ ପ୍ରାଣାୟାମ,ପାଦ ପୂଜା,ପାଦୁକା ସେବନ,ବାଳ ଭୋଗ, ଗଣେଶ କୀର୍ତ୍ତନ,ଗୁରୁ ସ୍ତୋତ୍ର, ଶାନ୍ତି ପାଠ,ଜପ, ସ୍ୱାଧ୍ୟାୟ, ହନୁମାନ ଚାଳିଶା,ଭଜନ କୀର୍ତ୍ତନ ଓ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ପ୍ରକାଶ କୁମାର ପଣ୍ଡା, ସଭାପତି ସୁଶିଲ ମିଶ୍ର, ପାଣ୍ଡବ ବେହେରା, ସୁରେନ୍ଦ୍ର ବେହେରା, ଦିଗମ୍ବର ପାଢ଼ୀ, କାର୍ତ୍ତିକ ବରାଳ, ସର୍ବେଶ୍ୱର ମାନସିଂହ,ବି ଅଗ୍ରୱାଲ, ରାଜେନ୍ଦ୍ର ନାରାୟଣ ହୋତା, ଅମୀୟ ବିଶ୍ୱାଳ,ଆର ଏନ୍ ତ୍ରିପାଠୀ, ନିରଞ୍ଜନ ତ୍ରିପାଠୀ, ଚିନ୍ମୟ ଦାଶ,ବ୍ରଜ କିଶୋର ପାଣି,ଗଗନ ବିହାରୀ ନନ୍ଦ, କେଦାର ବେହେରା, ବାଳକୃଷ୍ଣ ମହାରଣା, ଜ୍ୟୋତି ମହାନ୍ତି, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ସୁରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ରେ ପାଠ୍ୟପୁସ୍ତକରେ ପ୍ରବଳ ତ୍ରୁଟିକୁ ନେଇ ନୟାଗଡ଼ରେ ଗର୍ଜିଲା ବିଜେଡି

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି ଯୁବ ଓ ଛାତ୍ର ସଂଗଠନ



ନୟାଗଡ଼, ( ମହାଭାରତ ) : ପାଠ୍ୟ ପୁସ୍ତକରେ ମାତ୍ରାଧିକ ତ୍ରୁଟିକୁ ନେଇ ଉଭୟ ବିରୋଧି ଯୁବ ଓ ଛାତ୍ର ବିଜୁ ଜନତା ଦଳ ଆହ୍ୱାନରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ପଠାଣି ସାମନ୍ତ ପ୍ରେକ୍ଷାଳୟ ଦୁର୍ଗାମଣ୍ଡପ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବିଧାୟକ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ସରକାରଙ୍କ ଦୋମୁହାଁ ନୀତିକୁ କଡ଼ା ସମାଲୋଚନା କରିଥିଲେ। ଉକ୍ତ ସଭାରେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ଯୋଗ ଦେଇ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ସହ ଖେଳୁଥିବା କହିଛନ୍ତି। ପିଲାଙ୍କ ପାଠ୍ୟ ପୁସ୍ତକରେ ୩ ହଜାରରୁ ଊର୍ଦ୍ଧ୍ୱଭୁଲ ହେବା ରାଜ୍ୟ ସରକାରଙ୍କ ଅପାରଗତା ବୋଲି କହିଥିଲେ। ନବୀନ ସରକାର ରାଜ୍ୟ ବାସୀଙ୍କୁ ସୁଶାସନ ପ୍ରଦାନ କରୁଥିଲା। ବିଜେପି ସରକାର ଡବଲ ଇଞ୍ଜିନର ମିଛ ଆଶ୍ୱସନା ଦେଇ ଲୋକଙ୍କୁ ଡବଲ ଦୁଃଖ ଦେଇ ଚାଲିଛି ବୋଲି କଟାକ୍ଷ କରିଥିଲେ। ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସରକାରଙ୍କ ପ୍ରତି ଜବାବ ରଖିବାକୁ ପ୍ରତ୍ୟେକ ଅଭିଭାବକଙ୍କୁ ଆହ୍ୱାନ ଦେଇଥିଲେ। ପାଠ୍ୟ ପୁସ୍ତକ ଭୁଲ ଗୋଟିଏ ଛୋଟିଆ ଘଟଣା ନୁହେଁ ବୋଲି କହିଥିଲେ। ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ଜୋରଦାର ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି କହିଥିଲେ। ଏହି ସଭାରେ ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ପୁଣିଥରେ ନବୀନ ସରକାର ଆବଶ୍ୟକ ବୋଲି କହିଥିଲେ। ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ରାଜ୍ୟରେ ବିଜେପି ସରକାର ଏକଛତ୍ରବାଦ ନୀତି ଏବଂ ପ୍ରଶାସନକୁ ମୋହରା କରି ସାଧାରଣ ଲୋକଙ୍କୁ ଶୋଷଣ କରୁଥିବା କହିଥିଲେ। ବିଦ୍ୟାଳୟରେ ପୁଥିବା ଛାତ୍ରଛାତ୍ରୀ, ମହିଳା, ବୃଦ୍ଧବୃଦ୍ଧା ଆଜି ଅବହେଳିତ ବୋଲି କହିଥିଲେ। ସରକାର ବୃଦ୍ଧବୃଦ୍ଧାଙ୍କୁ ସଠିକ ସମୟରେ ଭତ୍ତା ଦେଇପାରୁନଥିବା, ଚାଷୀଙ୍କୁ ସାର ଦେଇ ପାରୁନଥିବା ଅଭିଯୋଗ ଉଠାଇଥିଲେ। ନୟାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମହିଳା ବିଜେଡି ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ, ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଉପାଧକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ସୁବାଷ ଚନ୍ଦ୍ର କହଁର, ଧର୍ମେନ୍ଦ୍ର ଧଳ, ସଂଯୁକ୍ତା ପିଆରୀ, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ଅମରେଶ୍ୱର ଜେନା, ପଠାଣି ସାମନ୍ତ ପ୍ରେକ୍ଷାଳୟ ଠାରୁ ବିଶାଳ ଶୋଭାଯାତ୍ରା ବାହରି ପୁରୁଣା ଷ୍ଟେଟ୍ ବ୍ୟାଙ୍କ ରୋଡ୍ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ମହିଳା, ଛାତ୍ର, ଅଭିଭାବକ ଓ ବିଜୁ ଜନତା ଦଳ କର୍ମୀ ଜୋରଦାର ବିକ୍ଷୋଭ ପଦର୍ଶନ କରିଥିଲେ। ସେଠାରେ ଯୁବ-ଛାତ୍ର ବିଜେଡି ସଦସ୍ୟ ମାନେ ନିମ୍ଭୁଡ଼ା ନିମ୍ଭୁଡ଼ା ଗୀତରେ ନାଚିବା ସହ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହି ଅବସରରେ ଯୁବ-ଛାତ୍ର ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

## ଲଘୁଚାପ ଜନିତ ବର୍ଷାରେ ୨ ମୃତ: ୧୨୦୧୩ ଜଣ କ୍ଷତିଗ୍ରସ୍ତ ବୈତରଣୀରେ କମୁଛି ଜଳସ୍ତର



**କେନ୍ଦୁଝର,:** କେନ୍ଦୁଝର ଜିଲାରେ ଚଳିତ ଲଘୁଚାପ ଜନୀତ ବର୍ଷା ଯୋଗୁଁ କେନ୍ଦୁଝର ଜିଲାର ୧୩ ଯାକ ବ୍ଲକରେ କ୍ଷୟକ୍ଷତି ହୋଇଥିବା ବେଳେ ଏହାକୁ ନେଇ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିଛନ୍ତି । ଏଥିରେ ଦୁଇ ଜଣ ଙ୍କୁ ପ୍ରାଣହାନୀ ଘଟିଥିବା ସୂଚନା ଦିଆଯାଇଛି । ଲଗାଣ ବର୍ଷା ସାଙ୍ଗକୁ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ଯୋଗୁଁ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ସମୁଦାୟ ୭୮ ବ୍ଲକ ର ୭୧୩ ଗ୍ରାମରେ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ସେହିପରି ୫ ପୌରପାଳିକାର ୧୧ ଟି ଓର୍ଡ ରେ କ୍ଷୟକ୍ଷତି ହୋଇଛି। ସମୁଦାୟ ୧୨୦୧୩ ଜଣ ଲୋକେ ଏହି ବର୍ଷା ଓ ବନ୍ୟଜନୀତ କ୍ଷୟକ୍ଷତି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଏଥିରେ ସମୁଦାୟ ଦୁଇ ଜଣ ଲୋକ ଙ୍କ ଜୀବନ ହାନୀ ଘଟିଥିବା ବେଳେ ୩ ଗୋରୁଗାଇ ମୃତ୍ୟୁ ବରଣ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବର୍ଷା ଓ ବନ୍ୟା ଯୋଗୁଁ ପାଣି ଘେରରେ ଥିବା ୧୮୧୫ ଜଣ ଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଏଥିଯୋଗୁଁ ୫୬ ଟି ଗ୍ରାମ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମୁଦାୟ ୯୩୬ ଏକର ଜମି ରେ ଫସଲ କ୍ଷତି ହୋଇଛି ।ସମୁଦାୟ ୧୮୧ ଟି ଘର ଭାଂଗିଥିବା ବେଳେ ୧୬ ଟି ରିଲିଫ କ୍ୟାମ୍ପ ଖୋଲାଯାଇ ୪୦୧୩ ଜଣ ନିରାଶ୍ରିତ ଲୋକ ଙ୍କୁ ରଖାଯାଇ ରିଲିଫ ସହାୟତା ପ୍ରଦାନ କରାଯାଇଛି।

## ବିସ୍ଥାପିତଙ୍କୁ ମିଳୁଥିବା କ୍ଷତିପୂରଣ ରାଶି ବୃଦ୍ଧି କରିବା ପାଇଁ ବିଧାୟକଙ୍କ ଦାବି

**ରାଉରକେଲା,:**

ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ପରିବାର/ବ୍ୟକ୍ତିଙ୍କୁ ଥଇଥାନ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ବର୍ତ୍ତମାନ ଦେଉଥିବା ରାଶି ଏବଂ ନୂତନ ଗୃହ ନିର୍ମାଣ ପାଇଁ ଦେଉଥିବା ଜାଗା ବାସ୍ତବରେ ଉକ୍ତ ବିସ୍ଥାପିତ ପରିବାର/ବ୍ୟକ୍ତି ମାନଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହି ଏହି ରାଶି ବୃଦ୍ଧି କରିବା ପାଇଁ ରଘୁନାଥପଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଦୁର୍ଗାଚରଣ ତନ୍ତୀ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଲିଖିତଭାବେ ଦାବି କରିଛନ୍ତି । ଏ ସମ୍ବନ୍ଧରେ ଆଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ତନ୍ତୀ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ ନିମିତ୍ତ ଆବଶ୍ୟକ ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତ ହୋଇଥିବା ପରିବାରଙ୍କୁ ବର୍ତ୍ତମାନ ଆର ଏସ ପି ପକ୍ଷରୁ ପ୍ରାୟ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ନୂତନ ଗୃହ ନିର୍ମାଣ ପାଇଁ ପ୍ରାୟ ୬୫୦ ବର୍ଗ ଫୁଟର ଏକ ଖାଲି ଜାଗା ପ୍ରଦାନ କରାଯାଉଅଛି । ତେବେ ଏହି ଥଇଥାନ ପ୍ୟାକେଜ ପର୍ଯ୍ୟାପ୍ତ ନୁହେଁ ବୋଲି ରଘୁନାଥପଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀତନ୍ତୀ କହିବା ସହିତ ଏହି ରାଶି ୫ଲକ୍ଷ ରୁ ବୃଦ୍ଧି କରି ୧୫ଲକ୍ଷ କରିବା ସହିତ ନୂତନ ଗୃହ ନିର୍ମାଣ ପାଇଁ ୬୫୦ ବର୍ଗ ଫୁଟ ବଦଳରେ ୧୦ ରୁ ୧୫ ଡେସିମିଲ ଖାଲି ଜାଗା ପ୍ରଦାନ କରିବା ପାଇଁ ବିଧାୟକ ଆର ଏସ ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ବର୍ମାଙ୍କୁ ସାକ୍ଷାତ କରିବା ସମୟରେ ଲିଖିତଭାବେ ଦାବି କରିଛନ୍ତି ।

## ଉମରକୋଟ ବଜାରରେ ହାଉ ଯାଉ ଅପମିଶ୍ରିତ ପନିର

### ପନିର ଖାଇ ଜଟିଳ ରୋଗ ଆଡକୁ ଯାଉଛନ୍ତି ସାଧାରଣ ଲୋକେ !

ଉମରକୋଟ(ମହାଭାରତ): ସକାଳୁ ଉଠିଲେ ଚା' ଦୋକାନଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ ଓ ହୋଟେଲ ପର୍ଯ୍ୟନ୍ତ, ଦିନକୁ ଦିନ ପନିରର ଚାହିଦା ବଢୁଛି। କିନ୍ତୁ ଏହି ଚାହିଦା ପଛରେ ବଜାରରେ ବିକ୍ରି ହେଉଥିବା ପନିରର ଗୁଣବତ୍ତା ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ ଉମରକୋଟ ବଜାରରେ କେତେକ ସ୍ଥାନରେ ନିମ୍ନମାନର କିମ୍ବା ଅପମିଶ୍ରିତ ପନିର ବିକ୍ରି ହେଉଥିବା ନେଇ ଅଭିଯୋଗ ଓ ସନ୍ଦେହ ପ୍ରକାଶ ପାଇଛି। ଏହାର ସତ୍ୟତା କେତେ, ତାହା ଯାଞ୍ଚ କରିବା ଏବେ ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ । ପ୍ରକାଶ ଥାଉ ଆସନ୍ତା ଶ୍ରାବଣ ମାସ ରେ ମାନସିକ ଧାରୀ ଓ ହଜାର ହଜାର ଶ୍ରଦ୍ଧାଳୁ ଆମିଷ ଛାଡି ସାତିକ ଖାଦ୍ୟ ରୂପରେ ପନିର ପରି ନିରାମିଷ ଖାଦ୍ୟ ବାଛି ଥିବାରୁ ପନିର ଅହେତୁକ ମୂଲ୍ୟ ଓ ଚାହିଦା ବୃଦ୍ଧି ପାଇଛି।ଯାହା ଅସାଧୁ ବ୍ୟବସାୟୀ ଙ୍କ ଏହି କାରବାର କୁ ଦିଗୁଣିତ କରିଛି। ଅନ୍ୟ ପଟେ ଆଞ୍ଚଳିକ ପନିର ମୂଲ୍ୟ କିଲୋ ପ୍ରତି ୪୦୦ ଟଙ୍କା ବିକ୍ରି ହେଉଥିବା ବେଳେ. ରାଜ୍ୟ ବାହାର ର ପନିର ସର୍ବ ନିମ୍ନ ମୂଲ୍ୟ ୨୭୦ ଟଙ୍କାରେ ବିକ୍ରି ହେଉଛି। ଯାହା ସାଧାରଣ ଖାଉଟି ଙ୍କୁ ଦ୍ୱନ୍ଦ ଓ ବିସ୍ମୟ କରିଛି।ଜଣେ କ୍ଷୁଦ୍ର ପନିର ବ୍ୟବସାୟୀ ଙ୍କ କହିବା ଅନୁଯାୟୀ କେତେକ ବ୍ୟବସାୟୀ ରାୟପୁର ରୁ ରାତା ରାତି ଖୋଲା ପନିର ଆଣି ବ୍ୟବସାୟ କରିଥାନ୍ତି। ଯାହା ସାଧାରଣ ରେ ସନ୍ଦେହ ସୃଷ୍ଟି କରୁଛି। ସାଧାରଣତଃ ପନିର ଏକ ଲୋକପ୍ରିୟ ଖାଦ୍ୟ ହୋଇଥିବାରୁ ଏହାର ଚାହିଦାକୁ ନେଇ ବଜାରରେ ବ୍ୟବସାୟ ମଧ ବଢୁଛି। ତେବେ ଏହି ଚାହିଦାର ସୁଯୋଗ ନେଇ କେହି ଯଦି ନିମ୍ନମାନର କିମ୍ବା ଅପମିଶ୍ରିତ ପନିର ବିକ୍ରି କରୁଥାନ୍ତି, ତେବେ ଏହା ଖାଦ୍ୟ ସୁରକ୍ଷା ସହିତ ସିଧାସଳଖ ଭାବେ ଜଡିତ ଏକ ଗୁରୁତର ପ୍ରସଙ୍ଗ।ଅନ୍ୟପଟେ, ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ଦୀର୍ଘ ସମୟ ଧରି ସେବନ କଲେ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡିପାରେ, ତାହା ନେଇ ମଧ ଚିନ୍ତା ବଢୁଛି। ଖାଦ୍ୟର ଗୁଣବତ୍ତା, ଏହାର ଉପାଦାନ ଓ ପ୍ରସ୍ତୁତି ପ୍ରକ୍ରିୟା ଯାଞ୍ଚ ନକରି କେବଳ ଅଭିଯୋଗ ଆଧାରରେ ନିଷ୍କର୍ଷରେ ପହଞ୍ଚିବା ଠିକ୍ ନୁହେଁ। ତେଣୁ ବଜାରରୁ ପନିରର ନମୁନା ସଂଗ୍ରହ କରି ବୈଜ୍ଞାନିକ ପରୀକ୍ଷା କରାଯିବା ହିଁ ଏହି ଅଭିଯୋଗର ସତ୍ୟତା ସାମ୍ନାକୁ ଆଣିପାରିବ।ଏହି ପ୍ରସଙ୍ଗରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ମଳୟ ତ୍ରିପାଠୀ ଙ୍କ କହିବା ଅନୁଯାୟୀ ଏ ସମ୍ପର୍କ ରେ କୌଣସି ଅଭିଯୋଗ ହେଇନାହିଁ। କିନ୍ତୁ ଏହା ଉପରେ ଆମେ କଡା ନଜର ରଖିଛୁ, ଯଥା ଶୀଘ୍ର ଏକ ଟିମ ଗଠନ କରି ବିଭିନ୍ନ ହୋଟେଲ ଓ ଖୋଲା ବଜାର ରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠା ଯିବ। ଯଦି



ସାଧାରଣ ଖାଉଟି ଙ୍କ ସ୍ୱାର୍ଥ ଉପରେ କିଛି ବି ଭୁଲ ଥାଏ ନିର୍ଦ୍ଦିଷ୍ଟ କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି-କେବଳ ପ୍ରତିକ୍ରିୟାରେ କି ଥମିଯିବ ମାମଲା, ନା ବଜାରରେ ପ୍ରକୃତ ଯାଞ୍ଚହେବ ? କେଉଁଠାରୁ ପନିର ଆସୁଛି ? କେଉଁମାନେ ଏହାକୁ ବିକ୍ରି କରୁଛନ୍ତି ? ପନିରର ମାନ ଓ ଗୁଣବତ୍ତା ନିୟମିତ ଭାବେ ଯାଞ୍ଚ ହେଉଛି କି ? ଯଦି ଅପମିଶ୍ରଣର ପ୍ରମାଣ ମିଳେ, ତେବେ ଦାୟୀ ବ୍ୟକ୍ତିକିମ୍ବା ବ୍ୟବସାୟୀଙ୍କ ବିରୋଧରେ କି ପଦକ୍ଷେପ ନିଆଯିବ ?ସାଧାରଣ ଲୋକଙ୍କ ଥାଳିରେ ପହଞ୍ଚୁଥିବା ଖାଦ୍ୟର ମାନ ଯାଞ୍ଚ କରିବା ଓ ଖାଦ୍ୟ ଅପମିଶ୍ରଣକୁ ରୋକିବା ପ୍ରଶାସନର ଦାୟିତ୍ୱ। ତେଣୁ ଉମରକୋଟ ବଜାରରେ ବିକ୍ରି ହେଉଥିବା ପନିରର ନମୁନା ସଂଗ୍ରହ କରି ତୁରନ୍ତ ଲାବୋରେଟୋରୀ ପରୀକ୍ଷା କରାଯିବା ସହ ଯଦି ଅପମିଶ୍ରଣର ପ୍ରମାଣ ମିଳେ, ତେବେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।

## ବିଷମ କଟକ ରେ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବିଷମ କଟକ (ମହାଭାରତ): ରାୟଗଡା ଜିଲ୍ଲା ବିଷମ କଟକ ତହସିଲ କାର୍ଯ୍ୟାଳୟ ପରିଷରରେ ଚଳିତ ବର୍ଷର ସ୍ୱାଧିନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ତହସିଲ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି ।ବିଷମ କଟକ ର ସ୍ଥାନୀୟ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି ଏହି ବୈଠକରେ ଅଧକ୍ଷତା କରିଥିଲେ ।ଚଳିତ ବର୍ଷ ସ୍ୱାଧିନତା ଦିବସର କୁ ବେସ୍ ଧୁମ୍ ଧାମରେ ପାଳନ କରିବା ନିମନ୍ତେ ସମସ୍ତେ ପ୍ରକାର ଖସଡା ପସ୍ତୁତି ହୋଇଥିବା ବେଳେ ଏ ଉପଲକ୍ଷେ ଚିତ୍ରାଙ୍କନ,ହସ୍ତାକ୍ଷର ଲିଖନ, ପ୍ରବନ୍ଧ,ବକ୍ତୃତା,ଗୀତ, ପ୍ରତିଯୋଗିତା ମାନେ ଆୟୋଜନ କରି କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିବା ନିମନ୍ତେ ଏହି ବୈଠକ ରେ ଆଲୋଚନା ହୋଇଛି । ଏଥି ସହିତ ଉକ୍ତ ଦିବସରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରି ସାଙ୍ଗକୁ ସ୍ୱଚ୍ଛଭାରତ ସଚେତନତା ରାଲି କାର୍ଯ୍ୟକ୍ରମ ହେବା ନେଇ ସ୍ଥିରିକୃତ ହୋଇଛି । ଚଳିତ ବର୍ଷ ମଧ ସ୍ଥାନୀୟ ମିନିଷ୍ଟାଡିୟମ୍ ଠାରେ ବିଭିନ୍ନ ବିଦ୍ୟାଳୟ ରୁ ଭାଗ ନେଇଥିବା ଏନ୍.ସି.ସି.,ସ୍କାଉଟ୍ ଏବଂ ଜେଆରସିସି ଟ୍ରୃପ୍ ର ସମୂହ ପ୍ୟାରେଡ ସହିତ ଜାତୀୟ ପତାକା ଉତୋଳନ କାର୍ଯ୍ୟକ୍ରମ ହେବ ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ଉମରକୋଟ (ମହାଭାରତ): ଗୁରୁବାର ନବରଙ୍ଗପୁର ଜିଲ୍ଲା ଉମରକଟ ଠାରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଉମରକଟ ଗସ୍ତରେ ପୌରାଞ୍ଚଳର ବିଭିନ୍ନ ୱାର୍ଡ ରେ ଭିନ୍ନ ଭିନ୍ନସ୍ଥାନ ରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି,ୱାର୍ଡ ନଂ ୧୧ ଭାଲୁଗୁଡା ଶ୍ରୀ ନାଗେଶ୍ୱର ମହାଦେବ ମନ୍ଦିର ପାଚେରୀ ପାଇଁ ତିନି ଲକ୍ଷ, ୱାର୍ଡ ନଂ ୮ ଜଗନ୍ନାଥ କମ୍ପ୍ଲେକ୍ସ ପଛପଟ ମାଁ ପେଣ୍ଠାଣୀ ଖଲାସି ସଂଘ ପାଚେରୀ ନିମନ୍ତେ ତିନି ଲକ୍ଷ ଓ ୱାର୍ଡ ନଂ ୧୨ ଶିକ୍ଷକ କଲୋନୀ ଶିତଳା ମନ୍ଦିର କମ୍ୟୁନିଟି ହୋଲ ପାଇଁ ପାଞ୍ଚ ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ଅନୁଦାନ କରିଛନ୍ତି। ଶ୍ରୀଯୁକ୍ତଗଣ୍ଡ ସଦା ସର୍ବଦା ନିଜ ଅଞ୍ଚଳର ବିକାଶପ୍ରତି ସବୁବେଳେ ସମ୍ବେଦନଶୀଳ ରହିଥାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଗଣ୍ଡ ଙ୍କ ସହ ରାଜ୍ୟ ଉପ ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ଙ୍କ ପ୍ରତିନିଧି ଭୋଜନାଥ ଗଣ୍ଡ, ନଗର ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ଅମିତ ହାଲଦାର, ସନ୍ତୋଷ ସରକାର, ରମେଶ ଦାସ, ସନତ ଠାକୁର,ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଫଳ ଦୋକାନମାଲିକକୁ ମରଣାତ୍ମକ ଆକ୍ରମଣ ଘଟଣାରେ ଦୁଇ ଗିରଫ

ଆସିକା (ମହାଭାରତ): ଆସିକା ସରକାରୀ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ଫଳ ଦୋକାନ ଭିତରେ ପଶି ଦୁର୍ବୃତ୍ତ ମାନେ ଦୋକାନ ଭଙ୍ଗା ରୁଜା କରିବା ସହ ଦୋକାନ ମାଲିକକୁ ମରଣାତ୍ମକ ଆକ୍ରମଣ ଘଟଣାରେ ଦୋକାନ ମାଲିକ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗ କୁ ଭିତ୍ତି କରି ଆସିକା ପୋଲିସ ପକ୍ଷରୁ ଥାନା କେସ ନମ୍ବର ୪୦୦ ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି ।ପ୍ରକାଶ ଥାଉକି ଗତ ୨୭/୦୭/୨୦୨୬ ରେ ଆସିକା ସରକାରୀ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ଏକ ଫଳ ଦୋକାନରେ ଆସିକା ଥାନା କରତାଳି ଗ୍ରାମର ବାଲିଆ ଜେନା (୩୨)ପିତା ସୁରେନ୍ଦ୍ର ଜେନା ଙ୍କ ସହ ସନ୍ଧ୍ୟା ସମୟରେ ଦୋକାନରେ କାମ କରୁଥିବା ଯୁବକ ସହ କୌଣସି ଏକ ସାଧାରଣ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ୨୮/୦୭/୨୦୨୬ ତାରିଖ ଅପରାହ୍ନ ୧୨.୩୦ ସମୟରେ ଉକ୍ତ ଦୋକାନରେ ଦୋକାନ ମାଲିକ ପରମାନନ୍ଦ ପୋଲାଇ ବସିଥିବା ସମୟରେ ବାଲିଆ ଜେନା ଆସିକା ପାକଲାପଲ୍ଲୀର ରାଜେନ୍ଦ୍ର ବିଷୋୟୀ(୩୦) ପିତା ପ୍ରଭାକର ବୋଷୋୟୀ ମିଶି ଜୋର ଜବରଦସ୍ତ ଦୋକାନ ମଧକୁ ବିଭିନ୍ନ ମରଣାସ୍ତ୍ର ଧରି ଧସେଇ ପଶିବା ସହ ଦୋକାନ ମାଲିକ ନାମ ଧରି ନାନା ଅଶ୍ରବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଦୋକାନରୁ ସମସ୍ତ ଜିନିଷ ପତ୍ର ଫୋପାଡ଼ି ଦେବାସହ ଦୋକାନରୁ ନଗଦ ୧୦୦୦୦ ଟଙ୍କା ନେଇଯିବ ସହ ଜୀବନରୁ ମାରିଦେବା ଉଦେଶ୍ୟରେ ପରମାନନ୍ଦ ର ତଣ୍ଟି ଚିପି ଧରିଥିଲେ । ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ରୁଣ୍ଡ ହୋଇ ୧୧୨ ନମ୍ବର କୁ କଲ କରିବା ଯୋଗୁଁ ଘଟଣା ସ୍ଥଳରୁ ଆସାମୀ ମାନେ ଖସି ପଳାଇଥିଲେ। ସ୍ଥାନୀୟ ଲୋକ ପରମାନନ୍ଦ କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଏଘଟଣା ବିଷୟରେ ପରମାନନ୍ଦ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।

## ଓ.ପି ଜିନ୍ଦଲ ସ୍କୁଲକୁ ଶିକ୍ଷା ଉତ୍କର୍ଷ ପୁରସ୍କାର-୨୦୨୬

**ଅନୁଗୋଳ,:**ଜିନ୍ଦଲ ନଗର, ଅନୁଗୋଳ ସ୍ଥିତ ଓ.ପି. ଜିନ୍ଦଲ ସ୍କୁଲକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଏବଂ ସମନ୍ୱିତ ଶିକ୍ଷାର ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଏଜୁକେସନ୍ ଏକ୍ସିଲେନ୍ସ ଆୱାର୍ଡ ବା ଶିକ୍ଷା ଉତ୍କର୍ଷ ପୁରସ୍କାର'ରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା ।ଓ.ପି. ଜିନ୍ଦଲ ସ୍କୁଲର ପ୍ରଧାନଶିକ୍ଷକ ଡଃ ଅଶ୍ୱିନୀ କୁମାର ସାହୁ, ଭାରତ ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡଃ ସୁକାନ୍ତ ମଜୁମଦାରଙ୍କ ଠାରୁ ଏହି ବିଜେତା ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ଦେଶର ବିଶିଷ୍ଟ ଶିକ୍ଷାବିତମାନେ ଉପସ୍ଥିତ ଥିଲେ ।ଦେଶର ବିଭିନ୍ନ ଅଗ୍ରଣୀ ବିଦ୍ୟାଳୟ ମଧରେ ଏକ କଡ଼ା ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ଏହି ସମ୍ମାନଜନକ ପୁରସ୍କାର ପାଇଥିବା ଓଡ଼ିଶାରୁ ଏକମାତ୍ର ବିଦ୍ୟାଳୟ ହେଉଛି ଓ.ପି. ଜିନ୍ଦଲ ସ୍କୁଲ, ଅନୁଗୋଳ ।ଦିଲ୍ଲୀସ୍ଥିତ ଆରୁକ୍ୟୁକ୍ ମିଡିଆ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଗୁଣାତ୍ମକ ଏବଂ ସମାବେଶୀ ଶିକ୍ଷାର ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯାଇଥିଲା ।ପୁରସ୍କାର ଗ୍ରହଣ ପରେ ଡଃ ଅଶ୍ୱିନୀ କୁମାର ସାହୁ କହିଥିଲେ, ଆମ ପରିଚାଳନା କର୍ତ୍ତୃପକ୍ଷ, ଆମ ପୃଷ୍ଠପୋଷକ ଜିନ୍ଦଲ ଷ୍ଟିଲ୍ ଏବଂ ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ୍ ଏବଂ ସ୍ଥାନୀୟ ସମୁଦାୟଙ୍କ ପ୍ରତି ଆମେ ଆନ୍ତରିକ କୃତଜ୍ଞତା ଜଣାଉଛୁ।

## ଷ୍ଟାଲିନଙ୍କ ଉପରେ ଅସନ୍ତୋଷ ପନ୍ନିରସେଲ୍ଭମ



ତାମିଲନାଡୁ : ତାମିଲନାଡୁର ପୂର୍ବ ମୁଖ୍ୟମନ୍ତ୍ରୀ ତଥା ବିଧାୟକ ଓ. ପନ୍ନିରସେଲ୍ଭମ ଡିଏମକେ ଠାରୁ ଅସନ୍ତୋଷ ରହିଛନ୍ତି । ଷ୍ଟାଲିନଙ୍କ ଠାରୁ ତାଙ୍କୁ ଡିଏମକେରେ କୌଣସି ବଡ଼ ଦାୟିତ୍ୱ ମିଳିନାହିଁ ବୋଲି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପନ୍ନିରସେଲ୍ଭମ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ନିଜ ପୁଅ ସହିତ ଡିଏମକେରେ ସାମିଲ ହୋଇଥିଲେ । କିନ୍ତୁ ଏଯାଏଁ ତାଙ୍କୁ କିମ୍ବା ତାଙ୍କ ପୁଅକୁ ପାର୍ଟି ତରଫରୁ କୌଣସି ଦାୟିତ୍ୱ ଦିଆଯାଇନାହିଁ । ପନ୍ନିରସେଲ୍ଭମ ନିଜ ଅଞ୍ଚଳର ଦାୟିତ୍ୱ ନେବାକୁ ଚାହୁଁଛନ୍ତି । ଚଳିତ ନିର୍ବାଚନରେ ମଧ ଧେନୀ ସିଟରୁ ବିଧାୟକ ପଦ ଜିତିଥିଲେ । ସେ ଚାହୁଁଥିଲେ ଥେନୀ ଲୋକସଭା କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମିଳୁ, କିନ୍ତୁ ସେଠାରେ ଡିଏମକେ ସାଂସଦ ଥଙ୍ଗା ତାମିଲ ସେଲଭମଙ୍କ ଦବାଦବା ଦେଖି ଷ୍ଟାଲିନ ଏଭଳି କିଛି କରିନଥିଲେ । ସୂତ୍ର ଅନୁଯାୟୀ, ଏହି କାରଣ ଯୋଗୁଁ ପନ୍ନିରସେଲ୍ଭମ ଡିଏମକେରୁ ଅସନ୍ତୋଷ ରହିଛନ୍ତି । ନିଜ ପୁଅ ଓପି ରବିନ୍ଦ୍ରନାଥ ସହିତ ପାର୍ଟି ଛାଡିବାକୁ ଚାହୁଁଛନ୍ତି । ଥାଲାପତି ବିଜୟଙ୍କ ପାର୍ଟି ଟିଭିକେରେ ସାମିଲ ହେବାର ସମ୍ଭାବନା ରହିଛି । ଖୁବଶୀଘ୍ର ଏନେଇ ଘୋଷଣା କରାଯିବ । ସୂଚନାଯୋଗ୍ୟ, ଜୟଲଳିତାଙ୍କ ପାର୍ଟି ଇଓଇଡ଼ଗକ ତାମିଲନାଡୁ ଚଳିତବର୍ଷ ବିଧାନସଭା ନିର୍ବାଚନରେ ୩ ନମ୍ବରରେ ରହିଥିଲା । ସେମାନଙ୍କର ୪ ପୂର୍ବ ମନ୍ତ୍ରୀ ଏବଂ ଅନେକ ବିଧାୟକ ପାର୍ଟି ଛାଡି ଟିଭିକେରେ ଯୋଗ ଦେଇଥିଲେ । ଇଓଇଡ଼ଗକର ମୋଟ ୨୫ ବିଧାୟକ ହ୍ୱିପ ଜାରି ହେବା ପରେ ଫ୍ଲୋର ଟେଷ୍ଟ ସମୟରେ ଟିଭିକେକୁ ସପୋର୍ଟ କରିଥିଲେ । ଏହାଛଡା ୩ ବିଧାୟକ ଇସ୍ତଫା ଦେଇ ଟିଭିକେ ଜଏନ କରିଥିଲେ । ବିଧାନସଭା ନିର୍ବାଚନରେ ବିଜୟଙ୍କ ପାର୍ଟି ୧୦୮ ସିଟରେ ଜିତିଥିଲା । ଏହାପରେ ଦ୍ୱିତୀୟ ନମ୍ବରରେ ଡିଏମକେ ରହି ୫୯ ସିଟରେ ଜିତିଥିଲା । ୩ୟ ସ୍ଥାନରେ ଇଓଇଡ଼ଗକ ୪୭ ସିଟରେ ରହିଥିଲା । ଏହାପରେ କଂଗ୍ରେସ ୫ ଏବଂ ପିଏମକେ ୪, ସିପିଆଇ-ସିପିଏମ୍ ୨-୨ ସିଟ୍ ମିଳିଥିଲା ।

## ପ୍ରବଳ ବର୍ଷା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ, ୫ ମୃତ

ଛତିଶଗଡ଼ : ଛତିଶଗଡ଼ ଗତ କିଛିଦିନ ହେଲାଣି ମୂଷଳଧାରା ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଲଗାତାର ବର୍ଷା ଯୋଗୁଁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି । ନଦୀ, ନାଳର ଜଳସ୍ତର ବଢିବାରେ ଲାଗିଛି । ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ବନ୍ୟା ଭଳି ସ୍ଥିତି ଉତ୍ପନ୍ନ ହୋଇଛି । ବର୍ଷାଜନିତ ବିଭିନ୍ନ ଘଟଣାରେ ଏଯାଏଁ ଅତିକମରେ ୫ ଜଣ ଲୋକଙ୍କ ଜୀବନ ଚାଲିଯାଇଛି । ଅଧିକାରୀଙ୍କ କହିବା ଅନୁସାରେ, ରାୟପୁର, ବସ୍ତର ଏବଂ ଦୁର୍ଗ ଭଳି ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି । ଖବର ମୁତାବକ, ପ୍ରବଳ ବର୍ଷା ଯୋଗୁଁ ସହରର ଅନେକ ମୁଖ୍ୟ ରାସ୍ତା ବନ୍ଦ ହୋଇଛି । ଓଡିଶାରେ ପ୍ରବଳ ବର୍ଷା ଯୋଗୁଁ ଜାତୀୟ ରାଜପଥ ୧୩୦ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇ ରହିଛି । ଏହାଛଡା ଗାରିୟାବନ୍ଧ-ମହାସମୁଦ୍ର, ଗାରିୟାବନ୍ଧ-ନଗରୀ-ଧମତରୀ ଏବଂ କୋଚବେଏ-ମାଲଗାଓଁ-କସାନାଲା ମାର୍ଗ ଯାତାୟତ ବାଧାପ୍ରାପ୍ତ ହୋଇଛି । ବୀଜାପୁର ଜିଲ୍ଲାର ସହିତ ସଂପର୍କ ତୁଟିଛି । ଅନେକ ଗାଁ ରାସ୍ତା ଜିଲ୍ଲା ମୁଖ୍ୟାଳୟ ଠାରୁ ସଂପର୍କ ତୁଟିଛି । ବିଭିନ୍ନ ଜିଲ୍ଲାରେ ୫ ଜଣଙ୍କ ଜୀବନ ଚାଲିଯାଇଛି । ସ୍ଥିତିର ଗମ୍ଭୀରତାକୁ ଦେଖି ପ୍ରଶାସନ ସଂପୂର୍ଣ୍ଣ ରୂପେ ସତର୍କ ରହିଛି । ଏକ ସ୍କୁଲରେ ୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଆବଶ୍ୟକୀୟ କାମ ନଥିଲେ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ଅପିଲ୍ କରିଛି । ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ଯାଏଁ ଚେତାବନୀ ଜାରି କରିଛି । ସୁକମା, ବିଜାପୁର, ଦନ୍ତେୱାଡା, ବସ୍ତର, ନାରାୟଣପୁର ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ୬୦ କିମି ପ୍ରତି ଘଣ୍ଟାରେ ପବନ ବୋହିବାର ସମ୍ଭାବନା ରହିଛି । ରାଜ୍ୟର ଅନେକ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଅନୁମାନ କରାଯାଉଛି ।

## ପୋଲାଣ୍ଡରେ ରାତିସାରା ବାଜିଲା ସାଇରନ୍, ଯୁଦ୍ଧ ଆଶଙ୍କାରେ ଥରିଲା ୟୁରୋପ

ୱାର୍ସୋ: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ଅତ୍ୟନ୍ତ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି । ଗୁରୁବାର ଭୋର୍ ସମୟରେ ୟୁକ୍ରେନ ଉପରେ ରୁଷ ଏପର୍ଯ୍ୟନ୍ତ ସବୁଠାରୁ ବଡ ବିମାନ ଆକ୍ରମଣ କରିଥିଲା, ଯାହାର ପ୍ରଭାବ ପଡ଼ୋଶୀ ଏବଂ ନାଟୋ ସଦସ୍ୟ ପୋଲାଣ୍ଡ ଉପରେ ମଧ ପଡ଼ିଥିଲା । ୟୁକ୍ରେନ ଉପରେ ରୁଷିଆ କ୍ଷେପଣାସ୍ତ୍ର ଆକ୍ରମଣ ମଧ୍ୟରେ, ଏକ ଅଜ୍ଞାତ ବସ୍ତୁ ପୋଲାଣ୍ଡ ଆକାଶ ସୀମାରେ ପ୍ରବେଶ କରି ଭୂମିରେ ଧକ୍କା ଖାଇଥିଲା, ଯାହା ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଭୟଭୀତ କରିଦେଇଥିଲା । ପୋଲାଣ୍ଡ ତୁରନ୍ତ ଏଫ୍-୧୬ ଲଢୁଆ ବିମାନ ମୁତୟନ କରିଥିଲା । ଏହା ସହ ସୀମାରେ ବିମାନ ଆକ୍ରମଣ ସାଇରନ୍ ବାଜିଉଠିଥିଲା । ପୋଲାଣ୍ଡ ସାମରିକ ଅଧିକାରୀଙ୍କ ଅନୁଯାୟୀ, ସ୍ଥାନୀୟ ସମୟ ଭୋର୍ ପ୍ରାୟ ୩ଟା ୪୦ ସମୟରେ ଦେଶର ଆକାଶ ସୀମାରେ ଏକ ଅଜଣା ବସ୍ତୁ ଦେଖାଯାଇଥିଲା । ସୀମାରୁ ପ୍ରାୟ ୯୦ କିଲୋମିଟର ଦୂରରେ ଥିବା ତାର୍ନାୱା-କୋଲୋନିଆ ଗ୍ରାମ ନିକଟରେ ଏକ କ୍ଷେତରେ ବସ୍ତୁଟି ପଡ଼ିଥିଲା । ବିସ୍ଫୋରଣ ସ୍ଥାନରେ ଏକ ବଡ଼ ଗର୍ତ୍ତ ହୋଇଯାଇଥିଲା । ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ପରିସ୍ଥିତିର ସମୀକ୍ଷା କରିବା ପାଇଁ ବ୍ୟକ୍ତିଗତ ଭାବରେ ଘଟଣାସ୍ଥଳକୁ ଯାଇଥିଲେ । ପୋଲାଣ୍ଡର ପ୍ରତିରକ୍ଷା ମନ୍ତ୍ରୀ, ୱାଡିସଲାଭ କୋସିନିଆକ-କାମିସ୍ କହିଛନ୍ତି, ଦେଶର ବାୟୁ ପ୍ରତିରକ୍ଷା ଏବଂ ନିରୀକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ସତର୍କ ରହିଛି । ୟୁକ୍ରେନୀୟ ବାୟୁସେନା ଅନୁଯାୟୀ , ରୁଷ ଏକକାଳୀନ ୭୪ଟି କ୍ରୁଜ୍, ବାଲିଷ୍ଟିକ୍ ଏବଂ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ଏହା ସହିତ, ଆକ୍ରମଣରେ ୨୮୪ଟି ଶାହେଦ୍ ଡ୍ରୋନ୍ ମଧ ବ୍ୟବହାର କରାଯାଇଥିଲା । ୟୁକ୍ରେନର ଲ୍ୱିଭ ସହରରେ, ଏକ କ୍ଷେପଣାସ୍ତ୍ର ଆବାସିକ କୋଠା ଉପରେ ପଡ଼ିବାରୁ ତିନି ଜଣ ଶିଶୁଙ୍କ ସମେତ ୩୧ ଜଣ ଆହତ ହୋଇଥିଲେ । କିଭ୍ ଏବଂ କ୍ରିଭି ରିହରେ ମଧ ଯଥେଷ୍ଟ କ୍ଷୟକ୍ଷତି ହୋଇଛି, ପିଲାମାନଙ୍କ ସମେତ ସାତ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ହୋଇଛି ।

# ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬: ଭାରତ ଆସିପାରନ୍ତି ପୁଟିନ୍ ଓ ଜିନ୍‌ପିଙ୍ଗ୍



ନୂଆଦିଲ୍ଲୀ: ନୂଆଦିଲ୍ଲୀଠାରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଭାରତ ଆୟୋଜନ କରୁଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିୟାନ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗଦେବାର ସମ୍ଭାବନା ରହିଛି । ପଶ୍ଚିମ ଏସିଆ ବିବାଦକୁ ନେଇ ଇରାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ସମୟରେ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ସୂତ୍ର ଅନୁଯାୟୀ, ତିନି ନେତାଙ୍କ ଉପସ୍ଥିତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ପୃଥକ ଦ୍ୱିପାକ୍ଷିକ ବୈଠକ ପାଇଁ ଦ୍ୱାର ଖୋଲିପାରେ । ଯଦି ଜିନ୍‌ପିଙ୍ଗ୍ ଭାରତ ଆସନ୍ତି, ତେବେ ଏହା ଅକ୍ଟୋବର ୨୦୧୯ ପରେ ତାଙ୍କର ପ୍ରଥମ ଭାରତ ଗସ୍ତ ହେବ ।

ଜିନ୍‌ପିଙ୍ଗ୍ ୬ ବର୍ଷ ତଳେ ତାମିଲନାଡୁର ମାମଲ୍ଲାପୁରମରେ ମୋଦୀଙ୍କୁ ଭେଟିଥିଲେ । କିନ୍ତୁ ଏହାପରେ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଲଦାଖ ସେକ୍ଟରରେ ଚୀନ୍ ସୈନ୍ୟଙ୍କ ଅନୁପ୍ରବେଶ ପରେ କିଛି ମାସ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତୀବ୍ର ଭାବରେ ବିଗିଡ଼ି ଯାଇଥିଲା । ପରବର୍ତ୍ତୀ ସମୟରେ ମୋଦୀ ଓ ଜିନ୍‌ପିଙ୍ଗ ଅକ୍ଟୋବର ୨୦୨୪ରେ ରୁଷିଆର କାଜାନଠାରେ ପରସ୍ପରକୁ ଭେଟିଥିଲେ ଓ ଏଲ୍‌ଏସିଠାରେ ଲାଗି ରହିଥିବା ବିବାଦର ସମାଧାନ କରିଥିଲେ । ଗତ ଅଗଷ୍ଟରେ ତିଆନଜିନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ ସେମାନଙ୍କର ସାମ୍ପ୍ରତିକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା ।

ଭାରତ ପାଞ୍ଚବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରୁଛି । ଏହି ବୈଠକରେ ଇରାନ ଓ ୟୁଏଇ ମଧ୍ୟରେ ମତଭେଦ ଆଲୋଚନାକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି । ଜାନୁଆରି ୨୦୨୪ ରେ ବ୍ରିକ୍ସର ସମ୍ପ୍ରସାରଣ ପରେ ଇରାନ ଓ ୟୁଏଇ ଏଥିରେ ସାମିଲ ହୋଇଥିଲେ । ପେଜେସ୍କିୟାନଙ୍କ ଅଂଶଗ୍ରହଣ ତେହେରାନକୁ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ଭାରତୀୟ ନେତୃତ୍ୱଙ୍କୁ ଅବଗତ କରାଇବା ଓ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ପେଜେସ୍କିୟାନଙ୍କ ଅଂଶଗ୍ରହଣ ତେହେରାନକୁ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ଭାରତୀୟ ନେତୃତ୍ୱଙ୍କୁ ଅବଗତ କରାଇବା ଓ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

ସୂତ୍ର ଅନୁଯାୟୀ, ୟୁଏଇ ବ୍ୟତୀତ ସମସ୍ତ ବ୍ରିକ୍ସ ସଦସ୍ୟ ପାଲେଷ୍ଟାଇନ ପ୍ରସଙ୍ଗ ଓ ଦୁଇ-ରାଷ୍ଟ୍ର ସମାଧାନ ଉପରେ ସରକାରୀ ଦଲିଲରେ ବ୍ୟବହୃତ ଭାଷାକୁ ଦୁର୍ବଳ କରିବାକୁ ବିରୋଧ କରିଛନ୍ତି । ପଶ୍ଚିମ ଏସିଆ ସ୍ଥିତିକୁ ନେଇ ବ୍ରିକ୍ସ ଦେଶମାନଙ୍କ ବୈଠକ ପ୍ରଭାବିତ ହୋଇଛି । ମେ ମାସରେ ଅନୁଷ୍ଠିତ ବିଦେଶ ମନ୍ତ୍ରୀଙ୍କ ବୈଠକ ସମେତ ଅନେକ ବୈଠକ ବିନା କେଣସି ନିଷ୍କର୍ସରେ ଶେଷ ହୋଇଥିଲା । ବ୍ରିକ୍ସ ନେତାମାନଙ୍କ ବ୍ୟତୀତ ଭାରତ ଅନେକ ଅଣ-ସଦସ୍ୟ ଦେଶର ସରକାର ମୁଖ୍ୟଙ୍କୁ ନିମନ୍ତ୍ରଣ କରିଛି । ସେମାନଙ୍କ ମଧ୍ୟରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ ଅଛନ୍ତି, ଯିଏକି ବିମଷ୍ଟେକର ବର୍ତ୍ତମାନର ଅଧକ୍ଷ ଦେଶ ଭାବ ନିମନ୍ତ୍ରିତ ହୋଇଛନ୍ତି ।

## ଧର୍ମେନ୍ଦ୍ରଙ୍କ ଇସ୍ତଫା ଆରମ୍ଭ ମାତ୍ର: ଜୟରାମ ରମେଶ

ନୂଆଦିଲ୍ଲୀ: ଭାରତର ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ଓ ଦୁର୍ନୀତିର ଚେର ଅତ୍ୟନ୍ତ ଗଭୀର ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଏହାର ସ୍ୱଚ୍ଛତା ଫେରାଇ ଆଣିବା ଦିଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଆରମ୍ଭ ମାତ୍ର ବୋଲି ଗୁରୁବାର କଂଗ୍ରେସ କହିଛି । ମହାରାଷ୍ଟ୍ରର ପ୍ରମୁଖ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମଲେଖା ପାଇଁ ଆୟୋଜିତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ହେରଫେର୍ ଅଭିଯୋଗ ସାମ୍ନାକୁ ଆସିବା ପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋସିଆଲ ମିଡିଆ ''ଏକ୍ସ'' ରେ ଏହି ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ଗତ ତିନି ବର୍ଷ ହେଲା ମହାରାଷ୍ଟ୍ର କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ ଫଳାଫଳ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ମାର୍କ ମଧ୍ୟରେ ବଡ଼ ତାରତମ୍ୟ ଦେଖିବାକୁ ମିଳୁଛି । ଏଣ୍ଟ୍ରାନ୍ସରେ ଟପର୍ ହେଉଥିବା ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି । ଏହା କୌଣସି ଜାଲିଆତି କିମ୍ବା କୋଚିଂ ସେଣ୍ଟରଗୁଡ଼ିକର ଅତ୍ୟଧିକ ପ୍ରଭାବ ଯୋଗୁଁ ହେଉଛି କି ନାହିଁ, ସେ ନେଇ ଗମ୍ଭୀର ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି ।

# ରାମ ମନ୍ଦିରର ନୂଆ ସଚିବ ଦାୟିତ୍ୱ ନେବେ ଜଗଦୀଶ ଆଫଲେ



ଅଯୋଧ୍ୟା : ରାମ ମନ୍ଦିର ପ୍ରଶାସନକୁ ନେଇ ବଡ଼ ପରିବର୍ତ୍ତନ କରାଯାଇଛି । ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଅର୍ଥ ଆତ୍ମସାତ ଅଭିଯୋଗ ହେବା ପରେ ପ୍ରଶାସନିକ ପୁନଃର୍ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଟ୍ରଷ୍ଟ ଦୈନିକ ପ୍ରଶାସନ ଦାୟିତ୍ୱ ସମ୍ଭାଳିବା ପାଇଁ ଜଗଦୀଶ ଆଫଲେଙ୍କ ନାମ ସାମ୍ନାକୁ ଆସିଛି । ଏବେ ଜଗଦୀଶ ଆଫେଲ ରାମ ମନ୍ଦିର ନିର୍ମାଣ ପରିଯୋଜନା ପ୍ରୋଜେକ୍ଟ ମ୍ୟାନେଜର ଭାବେ କାମ କରୁଛନ୍ତି । ଜଗଦୀଶ ଆଫଲେ ନିଜ ରିପୋର୍ଟ ଅନ୍ତରୀମ ମହାସଚିବ କୃଷ୍ଣ ମୋହନଙ୍କୁ ପ୍ରଦାନ କରିବେ । ଟ୍ରଷ୍ଟ ପ୍ରସ୍ତାବିତ ସିଇଓକୁ ନେଇ କିଛିଦିନରୁ ଚାଲିଥିବା ଚର୍ଚ୍ଚା ମଧ୍ୟରେ କୌଣସି ସନ୍ଥଙ୍କୁ ସିଇଓ କରାଯାଉ ବୋଲି କୁହାଯାଉଥିଲା । ଏହା ସମ୍ବନ୍ଧୀୟ ନିଷ୍ପତ୍ତି ନିଆଯାଇଛି କି, ଟ୍ରଷ୍ଟ ପ୍ରସ୍ତାବିତ ସିଇଓ ମଧ ପଦାଧିକାରୀ ହେବେ କିନ୍ତୁ ତାଙ୍କୁ ଟ୍ରଷ୍ଟର ସଦସ୍ୟ କରାଯିବ ନାହିଁ । ଜଗଦୀଶ ଆଫଲେଙ୍କ ନାଁକୁ ନେଇ ଶେଷ ମୋହର ସେପ୍ଟେମ୍ବରରେ ଟ୍ରଷ୍ଟର କାର୍ଯ୍ୟକାରୀ ସମିତି ନେବ । ଜଗଦୀଶ ଆଫଲେ ଦୀର୍ଘ ସମୟ ଧରି ଆରଏସଏସ୍ ସହିତ ଜଡିତ ଥିଲେ । ଆଇଆଇଟି ବମ୍ବେରେ ଇଲେକ୍ଟ୍ରିକାଲ ଇଂଜିନିୟରିଂରେ ଏମ ଟେକ୍ କରିଥିଲେ । ଭାରତ ଏବଂ ବିଦେଶରେ ଥିବା ଅନେକ କମ୍ପାନୀରେ କାମ କରିଛନ୍ତି । ନିଜ କାମରୁ ସେବା ନିବୃତ୍ତ ହେବା ପରେ ଆଫଲେ ରାମ ମନ୍ଦିର ନିର୍ମାଣ ପରିଯୋଜନାରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାମ କରୁଛନ୍ତି । ଏବେ ଆଫଲେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି । ସୂଚନାଯୋଗ୍ୟ, ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ ମାମଲାରେ ଏସଆଇଟି ଯାଞ୍ଚ କରୁଛି । ଏଫଆଇଆର ମଧ ଦାୟର କରାଯାଇଛି । ମାମଲାରେ ୮ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି । ଏହି ବିବାଦ ପରେ ତତ୍କାଳ ମହାସଚିତ ଚମ୍ପତ ରାୟ ଏବଂ ଅନୀଲ ମିଶ୍ରା ନିଜ ପଦରୁ ଇସ୍ତଫା ଦେଇଛନ୍ତି ।

# ଅମିତ ଶାହଙ୍କୁ ନେଇ ରାହୁଲ ଗାନ୍ଧୀଙ୍କ ବୟାନକୁ ସୌରଭ ଦାସଙ୍କ ସମର୍ଥନ




ନୂଆଦିଲ୍ଲୀ: ଜୁଲାଇ ୨୦ ରେ ଜନ୍ତରମନ୍ତରଠାରେ ପ୍ରତିବାଦକାରୀଙ୍କ 'ସଂସଦ ଚଲୋ' ପଦଯାତ୍ରା ସମୟରେ ଦିଲ୍ଲୀ ପୁଲିସ ପକ୍ଷରୁ ଛାତ୍ରଙ୍କ ଉପରେ ବଳ ପ୍ରୟୋଗ କରାଯିବା ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଭୂମିକା ଉପରେ ଲୋକସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇବାକୁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ବୁଧବାର ସନ୍ଧ୍ୟାରେ ସମର୍ଥନ କରିଛନ୍ତି । ପ୍ରଶ୍ନପତ୍ର ଲିକ୍ ନିରୋଧୀ ଆଇନ ସଂସଦରେ ପାରିତ କରିବା ନେଇ ହୋଇଥିବା ବିତର୍କବେଳେ ରାହୁଲ ଗାନ୍ଧୀ ଛାତ୍ରମାନଙ୍କ ଉପରେ ଅତ୍ୟଧିକ ବଳ ପ୍ରୟୋଗକୁ ବିରୋଧ କରି ଗୃହମନ୍ତ୍ରୀ ଜବାବ ରଖନ୍ତୁ ବୋଲି ଦାବି କରିଥିଲେ । ରାହୁଲ ଗାନ୍ଧୀ କହିଥିଲେ, କେବଳ ଗୃହମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ପୁଲିସକୁ ବଳ ପ୍ରୟୋଗ କରିବାକୁ ନିର୍ଦ୍ଦେଶ ଦେଇପାରିବେ । କଂଗ୍ରେସ ନେତା ଆହୁରି ମଧ ଦାବି କରିଥିଲେ ଯେ, ସେ ଅମିତ ଶାହଙ୍କୁ ତାଙ୍କ ଗାଡ଼ିରେ ବସିଥିବାର ଦେଖିଲେ, କିନ୍ତୁ ସେ ଲୋକସଭାରେ ଉପସ୍ଥିତ ନାହାନ୍ତି କାରଣ ସେ ଭୟଭୀତ ଅଛନ୍ତି । ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି, ସିଜେପିର ମୁଖ୍ୟ ମୁଖପାତ୍ର ସୌରଭ ଦାସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ଯେ, ଜୁଲାଇ ୨୦ ପୁଲିସ ବର୍ବରତା ମାମଲାରେ ଗୃହମନ୍ତ୍ରୀଙ୍କ ଭୂମିକା ଗମ୍ଭୀର ଚିନ୍ତା ସୃଷ୍ଟି କରେ । ତାଙ୍କୁ ଦାୟୀ କରାଯିବା ଉଚିତ । ପ୍ରତ୍ୟେକ ଜୀବନ ମୂଲ୍ୟବାନ । ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଣେ ଛାତ୍ର ସାରା ଜୀବନ ପାଇଁ ତାଙ୍କର ଦୃଷ୍ଟିଶକ୍ତି ହରାଇଲା । ଏବେ ସେ ଉତ୍ତର ଦିଅନ୍ତୁ । ଲୋକସଭାରେ ରାହୁଲ ଗାନ୍ଧୀଙ୍କ ବୟାନକୁ ନେଇ ଟ୍ରେଜେରୀ ବେଞ୍ଚରେ ପ୍ରବଳ ହଟ୍ଟଗୋଳ ହୋଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ତୁରନ୍ତ ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଉପରେ ଆପତ୍ତି ଉଠାଇ ପଚାରିଲେ ଯେ, ସେ କେଉଁ ଆଧାରରେ ଏହି ଅଭିଯୋଗ କରୁଛନ୍ତି ।

## ମଦରେ ବିଷ ମିଶାଇ ସ୍ୱାମୀଙ୍କୁ ହତ୍ୟା

ଗାନ୍ଧୀନଗର : ଚଳଚ୍ଚିତ୍ରଗୁଡ଼ିକ ମନୋରଞ୍ଜନ ପାଇଁ ପ୍ରସ୍ତୁତ ହୋଇଥିବା ବେଳେ କିଛି ଚତୁର ବ୍ୟକ୍ତି ଏହାକୁ ଆଧାର କରି ଅପରାଧ ଘଟାଇବା ପାଇଁ ନୂତନ ଉପାୟ ବାହାର କରିଛନ୍ତି । ଗୁଜରାଟର ଜାମନଗରରୁ ଏପରି ଏକ ଘଟଣା ସାମ୍ନାକୁ ଆସିଛି । ୨୦୧୫ ମସିହା ଅଜୟ ଦେବଗନଙ୍କ ଚଳଚ୍ଚିତ୍ର ଦୃଶ୍ୟମର କାହାଣୀକୁ ଅନୁକରଣ କରି ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିଲେ ଏବଂ ଦୁଇ ବର୍ଷ ପର୍ଯ୍ୟନ୍ତ ଅପରାଧକୁ ଅଜଣା ରଖିବାରେ ସଫଳ ହୋଇଥିଲେ । ଘଟଣାଟି ସେତେବେଳେ ପ୍ରକାଶ ପାଇଲା ଯେତେବେଳେ ମହିଳା ଜଣକ ତାଙ୍କ ପ୍ରେମିକଙ୍କ ସହିତ ଷଡ଼ଯନ୍ତ୍ର କରି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଏକ ଗାତରେ ପୋତି ଦେଇଥିଲେ । ଏହି ସମୟ ମଧ୍ୟରେ, ସେ ପରିବାରକୁ କହି ଭ୍ରମିତ କରିଥିଲେ ଯେ ସେ ଅଷ୍ଟ୍ରେଲିଆ ଯାଇଥିଲେ । ଶେଷରେ, ଦୁଇ ବର୍ଷ ପରେ, ପୋଲିସ ତଦନ୍ତ ତାଙ୍କ ମିଛର ପର୍ଦ୍ଦାଫାଶ କଲା ।

# ଆମେରିକାର ଶ୍ରେଷ୍ଠ ଡାକ୍ତର ସମ୍ବିଧାନକୁ ଢାଲ କରି ପାଟି ଖୋଲିଲେନି

ୱାସିଂଟନ: ପ୍ରାୟ ଛଅ ବର୍ଷ ପୂର୍ବେ ସାରା ବିଶ୍ୱରେ ଭୟ ସୃଷ୍ଟି କରିଥିବା କରୋନାଭାଇରସ୍ କ'ଣ ଚୀନ୍ ଲ୍ୟାବରେ ସୃଷ୍ଟି ହୋଇଥିଲା, ନା ଏହା ଆମେରିକା ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଇଥିବା ଗବେଷଣା ମାଧ୍ୟମରେ ବ୍ୟାପିଥିଲା ? କୋଭିଡ୍ ମହାମାରୀ ସହିତ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ବର୍ତ୍ତମାନ ଆଲୋଚନାର କେନ୍ଦ୍ରବିନ୍ଦୁ । କାରଣ ଆମେରିକାର ଶୀର୍ଷ ଡାକ୍ତର ଏବଂ ବୈଜ୍ଞାନିକ ଆଣ୍ଟୋନି ଫୌସି ଭାଇରସ୍ ଉପରେ ଶୁଣାଣି ସମୟରେ ଚୁପ୍ ରହିଛନ୍ତି । ସେ ଆମେରିକା ସମ୍ବିଧାନକୁ ନିଜର ଢାଲ ଭାବରେ ବ୍ୟବହାର କରି ୧୧୧ ଥର ପଞ୍ଚମ ସଂଶୋଧନର ଉଲ୍ଲେଖ କରିଛନ୍ତି । ଆମେରିକାର ଜଣେ ଚିକିତ୍ସା ବୈଜ୍ଞାନିକ ଏବଂ ପୂର୍ବତନ ମୁଖ୍ୟ ଚିକିତ୍ସା ପରାମର୍ଶଦାତା ଡାକ୍ତର ଆଣ୍ଟୋନି ଫୌସି, କୋଭିଡ୍-୧୯ର ପ୍ରସାର ଏବଂ ମହାମାରୀ ସମୟରେ ନିଆଯାଇଥିବା ପଦକ୍ଷେପ ବିଷୟରେ ରିପବ୍ଲିକାନ ପାର୍ଟି ନେତାମାନଙ୍କ କଟୁ ପ୍ରଶ୍ନର ଉତ୍ତର ଦେବାକୁ ସିଧାସଳଖ ମନା କରିଦେଇଛନ୍ତି । ୱାସିଂଟନ, ଡିସିରେ ସେନେଟ୍ ଗୃହ ସୁରକ୍ଷା ଏବଂ ସରକାରୀ ବ୍ୟାପାର କମିଟି ସମ୍ମୁଖରେ ଏକ ଶୁଣାଣି ସମୟରେ ଫୌସି ସମ୍ବିଧାନ ଅଧୀନରେ ତାଙ୍କର ପଞ୍ଚମ ସଂଶୋଧନ ଅଧିକାରକୁ ବାରମ୍ବାର ବ୍ୟବହାର କରିଥିଲେ । ଏହି ସାମ୍ବିଧାନିକ ଅଧିକାର ଜଣେ ବ୍ୟକ୍ତିଙ୍କୁ ନିଜ ବିରୋଧରେ ସାକ୍ଷ୍ୟ ଦେବାରୁ ଦୂରେଇ ରହିବାକୁ ଅନୁମତି ଦିଏ । ପଞ୍ଚମ ସଂଶୋଧନ ଲୋକଙ୍କୁ ଏପରି ପ୍ରମାଣ ଦେବାକୁ ବାଧ କରିବାରୁ ସୁରକ୍ଷା କରେ ଯାହା ସେମାନଙ୍କୁ ଫୌଜଦାରୀ ମାମଲାରେ ଦୋଷୀ ସାବ୍ୟସ୍ତ କରିପାରେ । ଏହି ଅଧିକାର ବ୍ୟବହାର କରିବା ଏକ ସାମ୍ବିଧାନିକ ଅଧିକାର ଏବଂ ଏହାର ଅର୍ଥ ଜଣେ ବ୍ୟକ୍ତି ଦୋଷୀ ନୁହେଁ ।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଆଲର୍ଜି ଆଣ୍ଡ୍ ଇନେଫକ୍ସିଆସ୍ ଡିଜିଜେସ୍‌ର ପୂର୍ବତନ ନିର୍ଦ୍ଦେଶକ ଫୌସିଙ୍କୁ କେଣ୍ଟୁକିର ରିପବ୍ଲିକାନ୍ ସେନେଟର୍ ରାଣ୍ଡ ପଲ ପଚରାଉଚରା ପାଇଁ ଡକାଯାଇଥିଲା । ପଲ ଅଭିଯୋଗ କରିଛନ୍ତି ଯେ, ଫୌସି ଆମେରିକୀୟ କଂଗ୍ରେସକୁ ଭ୍ରମିତ କରିଥିଲେ ଏବଂ ଏହି ମହାମାରୀ ଚୀନ୍‌ରୁ ଆରମ୍ଭ ହୋଇଥିଲା ନା ଆମେରିକା ଦ୍ୱାରା ପାଣ୍ଠିପ୍ରାପ୍ତ ଗବେଷଣାର ଫଳାଫଳ ଥିଲା ସେ ବିଷୟରେ ପ୍ରଶ୍ନ ଉଠାଇଛନ୍ତି । ଫୌସି ଏହି ଅଭିଯୋଗଗୁଡ଼ିକୁ କ୍ରମାଗତ ଭାବରେ ଅସ୍ୱୀକାର କରିଆସୁଛନ୍ତି ।

୮୫ ବର୍ଷୀୟ ଫୌସି ଜଣେ ଡାକ୍ତର ଏବଂ ଇମ୍ୟୁନୋଲୋଜିଷ୍ଟ । ସେ ୩୮ ବର୍ଷ ଧରି ଆମେରିକୀୟ ସଂଗଠନ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଆଲର୍ଜି ଆଣ୍ଡ୍ ଇନେଫକ୍ସିଆସ୍ ଡିଜିଜେସ୍ ?ର ନେତୃତ୍ୱ ନେଇଥିଲେ ଏବଂ ଏହି ସମୟ ମଧ୍ୟରେ ସେ ରିପବ୍ଲିକାନ୍ ଏବଂ ଡେମୋକ୍ରାଟିକ୍ ଉଭୟ ଦଳର ସାତ ଜଣ ରାଷ୍ଟ୍ରପତିଙ୍କୁ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ପରାମର୍ଶ ଦେଇଥିଲେ । ୨୦୨୦ ମସିହାରେ କୋଭିଡ୍-୧୯ ମହାମାରୀ ସମୟରେ ଆମେରିକୀୟ ସରକାରଙ୍କ ନିଷ୍ପତ୍ତି ଗ୍ରହଣରେ ଜଣେ ପ୍ରମୁଖ ବ୍ୟକ୍ତି ଥିଲେ । ପୂର୍ବରୁ ସେ ଏଚଆଇଭି/ଏଡସ୍, ଇବୋଲା ଏବଂ ୨୦୦୧ ଆନ୍ଥ୍ରାକ୍ସ ଆକ୍ରମଣ ଭଳି ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା କରିବାରେ ସାହାଯ୍ୟ କରିଥିଲେ । ମହାମାରୀ ସମୟରେ, ମାସ୍କ ପିନ୍ଧିବା, ଟିକା ନେବା ଏବଂ ସ୍କୁଲ ବନ୍ଦ କରିବା ବିଷୟରେ ତାଙ୍କର ସୁପାରିଶ କରି ଫୌସି ବହୁ ସମାଲୋଚନାର ସମ୍ମୁଖୀନ ହୋଇଥିଲେ ।

ତାଙ୍କ ସରକାରର ଶେଷ ବର୍ଷରେ, ଫୌସି ୨୦୨୨ ରେ ଅବସର ନେବା ପର୍ଯ୍ୟନ୍ତ ଜୋ ବାଇଡେନଙ୍କ ମୁଖ୍ୟ ଚିକିତ୍ସା ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ । ମହାମାରୀ ସମୟରେ, ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ, ସେ ହ୍ୱାଇଟ୍ ହାଉସକୁ ପରାମର୍ଶ ଦେବା ଏବଂ ମହାମାରୀ ପ୍ରତି ପ୍ରତିକ୍ରିୟା ଦେବା ପାଇଁ ତାଙ୍କ କାର୍ଯ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରି ୧,୧୦୦ପୃଷ୍ଠାର ଏକ ଡାଏରୀ ରଖିଥିଲେ । ମହାମାରୀ ପ୍ରତିକ୍ରିୟା ଏବଂ ଏହାର ଉତ୍ପତ୍ତି ସମ୍ପର୍କରେ ତାଙ୍କୁ ସେନେଟ୍ ଗୃହ ସୁରକ୍ଷା ଏବଂ ସରକାରୀ ବ୍ୟାପାର କମିଟି ସମ୍ମୁଖରେ ହାଜର ହେବାକୁ ସମନ ପଠାଯାଇଥିଲା । ସେନେଟର ରାଣ୍ଡ୍ ପଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିର ମୁଖ୍ୟ ପ୍ରଶ୍ନ ଥିଲା ।

ପଲ୍ ଦୀର୍ଘ ଦିନ ଧରି ଆଶଙ୍କା କରିଆସୁଛନ୍ତି ଯେ କୋଭିଡ୍-୧୯ ସୃଷ୍ଟି କରୁଥିବା କରୋନାଭାଇରସ୍ ଚୀନ୍‌ର ଉହାନର ଏକ ଲ୍ୟାବରୁ ଲିକ୍ ହୋଇଥାଇପାରେ । ସେ ଏହା ମଧ ପ୍ରଶ୍ନ କରିଥିଲେ ଯେ ଆମେରିକା ଦ୍ୱାରା ପାଣ୍ଠି ପ୍ରାପ୍ତ ଗବେଷଣା ଏଥିରେ କୌଣସି ଭୂମିକା ଗ୍ରହଣ କରିଛି କି ? ଶୁଣାଣି ପୂର୍ବରୁ, ପଲ୍ ଫୌସିଙ୍କ ଟାଇପ୍ ଲିଖିତ ଡାଏରୀ ସାର୍ବଜନୀନ କରିଥିଲେ । ସ୍ୱାସ୍ଥ୍ୟ ସଚିବ ରବର୍ଟ ଏଫ୍. କେନେଡି ଜୁନିଅର କହିଛନ୍ତି ଯେ ନୋଟଗୁଡ଼ିକ ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ସରକାରୀ କମ୍ପ୍ୟୁଟରରେ ଏବଂ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ସମୟରେ ଲେଖାଯାଇଥିବାରୁ, ସେଗୁଡ଼ିକ ଏକ ସରକାରୀ ଡକ୍ୟୁମେଣ୍ଟ । ପଲ୍ କହିଛନ୍ତି ଯେ ଡାଏରୀ ସ୍ପଷ୍ଟ ଭାବରେ ଫୌସିଙ୍କ ବ୍ୟକ୍ତିଗତ କଥାବାର୍ତ୍ତା ଏବଂ ତାଙ୍କର ସାର୍ବଜନୀନ ବିବୃତି ମଧ୍ୟରେ ପାର୍ଥକ୍ୟ ଦର୍ଶାଉଛି ।

ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ଶୁଣାଣି ଏକ ଉତ୍ତେଜନାପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଥିଲା । ତାଙ୍କର ପ୍ରାରମ୍ଭିକ ମନ୍ତବ୍ୟ ପରେ, ଫୌସି ପ୍ରତ୍ୟେକ ଥର ପଞ୍ଚମ ସଂଶୋଧନକୁ ଉଦ୍ଧୃତ କରି ୧୦୦ ରୁ ଅଧିକ ପ୍ରଶ୍ନର ଉତ୍ତର ଦେବାକୁ ମନା କରିଥିଲେ ।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅଜିଙ୍କ୍ୟା ରାହାଣେଙ୍କ ଅବସର

ମୁମ୍ବାଇ, ୩୦/୦୭: କ୍ରିକେଟକୁ ଅଜିଙ୍କ୍ୟା ରାହାଣେଙ୍କ ଅଲବିଦା । କ୍ରିକେଟର ସବୁ ଫର୍ମାରୁ ବିଦାୟ ନେଲେ ରାହାଣେ । ୩୮ ବର୍ଷ ବୟସରେ ସୋସିଆଲ୍ ମିଡିଆରେ ଏକ ଭାବପ୍ରବଣପୂର୍ଣ୍ଣ ପୋଷ୍ଟ କରି ନିଜ ଅବସର ଘୋଷଣା କରିଛନ୍ତି । ସେ ଲେଖିଛନ୍ତି, "Thank you for all the love and support over the years. Forever grateful." ଏହା ସହିତ ସେ ଲେଖିଥିଲେ, "Cap No. 278 Signing Off."

ରାହାଣେ ନିଜ ପୋଷ୍ଟରେ ଲେଖିଛନ୍ତି, ଜୀବନର ପ୍ରତ୍ୟେକ ଆରମ୍ଭର ଏକ ଶେଷ ଥାଏ ଏବଂ ଏବେ ଆଗକୁ ବଢ଼ିବାର ସେ ସମୟ ଆସିଛି । ଡୋମ୍ବିଭଲିରୁ ମୁମ୍ବାଇକୁ ଯାଇ କ୍ରିକେଟ୍ ଖେଳୁଥିବା ଜଣେ ଛୋଟ ପିଲାର ସ୍ୱପ୍ନ କେବଳ ଭାରତୀୟ ଦଳର କ୍ୟାପ୍ ପିନ୍ଧିବା ଥିଲା ବୋଲି ସେ ସ୍ମରଣ କରିଛନ୍ତି । ସେହି ସ୍ୱପ୍ନ ପୂରଣ ହୋଇଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି ଲେଖିଛନ୍ତି ।

ସେ ଆହୁରି ମଧ୍ୟ ଲେଖିଛନ୍ତି, ବ୍ୟକ୍ତିଗତ ସଫଳତାଠାରୁ ସେ ସବୁବେଳେ ଦେଶ ଏବଂ ଦଳକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରୁ ଆରମ୍ଭ କରି ଭାରତୀୟ ଦଳ ପର୍ଯ୍ୟନ୍ତ ପ୍ରାୟ ଦୁଇ ଦଶକର ଯାତ୍ରା ତାଙ୍କ ପାଇଁ ଗର୍ବର ବିଷୟ । ଅବସର ପରେ ମଧ୍ୟ କ୍ରିକେଟ୍ ସହ ତାଙ୍କ ସମ୍ପର୍କ ଅତୁଟ ରହିବ ଏବଂ ଆଗାମୀ ପିଢ଼ିର ଖେଳାଳିଙ୍କୁ ନିଜ ଅନୁଭବ ବାଣ୍ଟିବେ ବୋଲି ସୂଚନା ଦେଇଛନ୍ତି ।

ନିଜ ବିଦାୟ ବାର୍ତ୍ତାରେ ରାହାଣେ ବିସିସିଆଇ, ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍, ସହଖେଳାଳି, କୋଚ୍, ଆଇପିଏଲ୍ ଫ୍ରାଞ୍ଚାଇଜି, ପତ୍ନୀ ରାଧିକା, ପରିବାର, ବନ୍ଧୁ ଏବଂ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାଙ୍କ ବାର୍ତ୍ତାର ସବୁଠାରୁ ଭାବପ୍ରବଣ ଅଂଶ ହେଲା- "Ajinkya means unbeatable, but cricket has shown me defeat many times. There is one place where I was never defeated, and that was in your hearts." ଅର୍ଥାତ୍ ଖେଳ ପଡ଼ିଆରେ ହାର୍-ଜିତ୍ ରହିଛି, କିନ୍ତୁ ସେ ପ୍ରଶଂସକଙ୍କ ହୃଦୟରେ କେବେ ପରାଜିତ ହୋଇନାହାନ୍ତି ।



ରାହାଣେଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ହେଉଛି, ୨୦୨୦ ମସିହାର ଅଷ୍ଟ୍ରେଲିଆ ମେଲବୋର୍ଣ୍ଣ ଟେଷ୍ଟ । ଆଡିଲେଡ୍‌ରେ ଭାରତ ୩୬ ରନ୍‌ରେ ଅଲ୍‌ଆଉଟ୍ ହେବା ପରେ ଏବଂ ବିରାଟ କୋହଲି ପିତୃତ୍ୱ ଛୁଟିରେ ଦେଶକୁ ଫେରିଯାଇଥିଲେ । ପରେ ଆଜିଙ୍କ୍ୟା ରାହାଣେ ଦଳର ନେତୃତ୍ୱ ନେଇଥିଲେ । ମେଲବୋର୍ଣ୍ଣରେ ୧୧୨ ରନ୍‌ର ଅପରାଜିତ ଶତକ ଖେଳି ସେ ଭାରତକୁ ଐତିହାସିକ ବିଜୟର ପଥରେ ନେଇଥିଲେ । ପରେ ଭାରତ ୨-୧ରେ ବର୍ଡର-ଗାଭାସ୍କର ଟ୍ରଫି ଜିତି ଇତିହାସ ରଚିଥିଲା ଟିମ୍ ଇଣ୍ଡିଆ ।

୨୦୧୩ରେ ଟେଷ୍ଟ କ୍ରିକେଟ୍‌ରେ ପଦାର୍ପଣ କରିଥିବା ରାହାଣେ ତୃତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଡର୍ବାନ୍‌ରେ ପ୍ରଥମ ଇନିଂସରେ ୯୬ ରନ ଏବଂ ଦ୍ୱିତୀୟ ପାଳିରେ ଅପରାଜିତ ୫୧ ରନ୍‌ର ଇନିଂସ ଖେଳି ନିଜ ଦକ୍ଷତାର ପରିଚୟ ଦେଇଥିଲେ । ୱେଲିଙ୍ଗଟନ୍‌ରେ ପ୍ରଥମ ଟେଷ୍ଟ ଶତକ, ୨୦୧୪ରେ ଲର୍ଡ୍ସରେ ୧୦୩ ରନ୍, ମେଲବୋର୍ଣ୍ଣ, ଜୋହାନ୍‌ନେସବର୍ଗ ଓ କୋଲମ୍ବୋରେ ତାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ତାଙ୍କୁ ବିଦେଶୀ ପରିସ୍ଥିତିରେ ଭାରତର ସବୁଠାରୁ ଭରସାଯୋଗ୍ୟ ବ୍ୟାଟର ପରିଚୟ ପ୍ରଦାନ କରିଥିଲା ।

୨୦୨୨ରେ ଖରାପ ଫର୍ମ ଯୋଗୁଁ ରାହାଣେ ଭାରତୀୟ ଦଳରୁ ବାଦ ପଡ଼ିଥିଲେ । କିନ୍ତୁ ଘରୋଇ କ୍ରିକେଟ୍ ଏବଂ ଆଇପିଏଲ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସେ ପୁଣି ଥରେ ଟିମ୍ ଇଣ୍ଡିଆକୁ ଫେରିଥିଲେ । ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ୍‌ରେ ସେ ଭାରତ ପକ୍ଷରୁ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ ।

ରାହାଣେ ସବୁବେଳେ ଟେଷ୍ଟ ବିଶେଷଜ୍ଞ ବ୍ୟାଟର ପରିଚୟ ପାଇଥିଲେ । ହେଲେ ପରେ ସମୟ ସହ ସେ ନିଜ ଖେଳରେ ପରିବର୍ତ୍ତନ ଆଣିଥିଲେ । ୨୦୨୩ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୧୭୨.୪୮ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରି ସମସ୍ତଙ୍କୁ ଚମକାଇଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ମାତ୍ର ୨୭ ବଲ୍‌ରେ ୬୧ ରନ୍‌ର ବିସ୍ଫୋରକ ଇନିଂସ ଖେଳିବା ପରେ ଟି-ଟ୍ୱେଣ୍ଟି କ୍ରିକେଟ୍ ତାଙ୍କ ନୂଆ ରୂପ ଦେଖିବାକୁ ପାଇଥିଲା । ସେହି ବର୍ଷ ନିଜ କ୍ୟାରିୟରର ପ୍ରଥମ ଆଇପିଏଲ୍ ଟ୍ରଫି ମଧ୍ୟ ଜିତିଥିଲେ । ଅଜିଙ୍କ୍ୟା ରାହାଣେଙ୍କ ବିଦାୟ ସହ ଭାରତୀୟ କ୍ରିକେଟ୍‌ର ଏକ ଗୌରବମୟ ଅଧ୍ୟାୟର ପରିସମାପ୍ତି ଘଟିଛି । ଶାନ୍ତ ସ୍ୱଭାବ, ଦାୟିତ୍ୱବୋଧ ଏବଂ କଠିନ ପରିସ୍ଥିତିରେ ଦଳକୁ ସମ୍ଭାଳିବାର କ୍ଷମତା ପାଇଁ ସେ ସବୁବେଳେ ଭାରତୀୟ କ୍ରିକେଟ୍ ଇତିହାସରେ ସ୍ମରଣୀୟ ହୋଇ ରହିବେ ।

# ଦିଲ୍ଲୀପଙ୍କୁ ସ୍ୱର୍ଣ୍ଣ ଏବଂ ବସିଲଙ୍କୁ ରୌପ୍ୟ

## ଲଙ୍ଗ ଜମ୍ପରେ କମାଲ କଲେ ଶ୍ରୀଶଙ୍କର, ୭ ଦିନରେ ଭାରତକୁ ୧୫ ପଦକ

ଗ୍ଲାସଗୋ, ୩୦/୦୭: ପୁରୁଷ ୧୦୦ ମିଟରରେ (ଟି୪୭) ଭାରତକୁ ମିଳିଛି ଡବଲ ପଦକ । ଦିଲ୍ଲୀପ ଗଭିତ ସ୍ୱର୍ଣ୍ଣ ଏବଂ ମହମ୍ମଦ ବସିଲ ରୌପ୍ୟ ଜିତିଛନ୍ତି । ସେହିପରି ପୁରୁଷ ଲଙ୍ଗ ଜମ୍ପରେ ରୌପ୍ୟ ପଦକ ଜିତିଛନ୍ତି ମୂରଲୀ ଶ୍ରୀଶଙ୍କର । ବର୍ମିଂହାମର ପ୍ରଦର୍ଶନ ସେ ଗ୍ଲାସଗୋରେ ଦୋହରାଇଛନ୍ତି । ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପଦକ ସଂଖ୍ୟା ୧୫ରେ ପହଞ୍ଚିଛି । ଏଥିରେ ୩ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ସାମିଲ ରହିଛି ।



ପୁରୁଷ ୧୦୦ ମିଟର (ଟି୪୭)ରେ ଦିଲ୍ଲୀପ ୧୦.୭୧ ସେକେଣ୍ଡ ସହ ପ୍ରଥମ ସ୍ଥାନରେ ରହିଥିଲେ । ସେ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହ ରାଜ୍ୟଗୋଷ୍ଠୀ କ୍ରୀଡା ରେକର୍ଡ ପ୍ରତିଷ୍ଠା କରିଥିଲେ । ବସିଲ ୧୦.୮୩ ସେକେଣ୍ଡ ସହ ରୌପ୍ୟ ଏବଂ ଇଂଲଣ୍ଡର କେଭିନ ସାଣ୍ଟୋସ (୧୦.୮୫ସେକେଣ୍ଡ) ବ୍ରୋଞ୍ଜ ପଦକ ଜିତିଥିଲେ । ଦିଲ୍ଲୀପ ୨୦୨୨ ହାଙ୍ଗଝୌ ପାରା ଏସୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେ ୪୦୦ ମିଟରରେ (ଟି୪୭) ଏହି ପଦକ ଜିତିଥିଲେ ।

### ପୁରୁଷ ଲଙ୍ଗ

ଜମ୍ପ ଶ୍ରୀଶଙ୍କର ଓ ଲୋକେଶ ସତ୍ୟନାଥନ ସାମିଲ ରହିଥିଲେ । ଲୋକେଶ ୭.୯୭ ମିଟର ସହ ପଞ୍ଚମ ସ୍ଥାନରେ ରହିଥିଲେ । ସେ ନିଜର ପ୍ରଥମ ପ୍ରୟାସରେ ଏହି ପ୍ରଦର୍ଶନ ଦେଇଥିଲେ ।

ଶ୍ରୀଲଙ୍କର ପ୍ରଥମ ପ୍ରୟାସରେ ୮.୦୩ ମିଟର ଲମ୍ଫ ମାରିଥିଲେ । ଦ୍ୱିତୀୟ ପ୍ରୟାସରେ ୮.୦୯ ମିଟର ସହ ଶୀର୍ଷକୁ ଉନ୍ନୀତ ହୋଇଥିଲେ । କିନ୍ତୁ ଜାମାଇକାର ତଜୟ ଗେଲ ତାଙ୍କର ଚତୁର୍ଥ ପ୍ରୟାସରେ ୮.୧୫ ମିଟର ଲମ୍ଫ ମାରି ଶ୍ରୀଶଙ୍କରଙ୍କୁ ପଛରେ ପକାଇବା ସହ ସ୍ୱର୍ଣ୍ଣ ପକ୍କା କରିଥିଲେ ।ଶ୍ରୀଲଙ୍କର ଅବଶିଷ୍ଟ ୪ଟି ପ୍ରୟାସରେ ୮ ମିଟର ମାର୍କ ଛୁଇଁ ପାରି ନଥିଲେ । ଶେଷରେ ସେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ । ଗେଲ ସ୍ୱର୍ଣ୍ଣ ଏବଂ ସ୍କଟଲାଣ୍ଡର ଷ୍ଟିଫେନ ମାକକେନଜିଏ ୮.୦୮ ମିଟର ସହ ବ୍ରୋଞ୍ଜ ପଦକ ଜିତିଥିଲେ । ଶ୍ରୀଲଙ୍କର ୨୦୨୨ ବର୍ମିଂହାମ କ୍ରୀଡାରେ ମଧ୍ୟ ରୌପ୍ୟ ଜିତିଥିଲେ । ତାଙ୍କ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୮.୪୧ ମିଟର ।

### ମହିଳା ସଟପୁଟ

ମନପ୍ରୀତ କୌରଙ୍କୁ ମହିଳା ସଟପୁଟରେ ନିରାଶ ହେବାକୁ ପଡିଛି । ସେ ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ । ସେ ନିଜ ପଞ୍ଚମ ପ୍ରୟାସରେ ୧୭.୪୯ ମିଟର ଫିଙ୍ଗି ଥିଲେ । ଏହି ଇଭେଣ୍ଟରେ କାନାଡାର ସାରା ମିଟନ (୧୯.୮୮ ମିଟର) ସ୍ୱର୍ଣ୍ଣ, ନାଇଜେରିଆର ଜେସିକା ଓଜି (୧୭.୮୭ ମିଟର) ରୌପ୍ୟ ଏବଂ ଜାମାଇକାର ଲୋୟେଡ୍ରିସିଆ କାମେରନ (୧୭.୮୭ ମିଟର) ବ୍ରୋଞ୍ଜ ପଦକ ଜିତିଥିଲେ ।

**ସେମି ଫାଇନାଲରେ ଅନିମେଶ**

ପୁରୁଷ ୨୦୦ ମିଟରରେ ଅନିମେଶ କୁଜୁର ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ସେ ହିଟ୍-୧୦ରେ ଦୌଡିଥିଲେ ? ୨୦.୪୬ ସେକେଣ୍ଡ ସହ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ । ଯେଉଁ ୧୬ ଜଣ ସେମିକୁ ଯୋଗ୍ୟତା ହାସଲ କରିଛନ୍ତି ସେମାନଙ୍କ ମଧ୍ୟରେ ଅନିମେଶ ସପ୍ତମ ସ୍ଥାନରେ ରହିଛନ୍ତି ।

### ପାରୁଲ ପଞ୍ଚମ

୩୦୦୦ ମିଟର ଷ୍ଟିପଲଚେଜରେ ପାରୁଲ ଚୌଧୁରୀ ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ । ସେ ୯:୨୬.୭୫ ସେକେଣ୍ଡ ନେଇଥିଲେ । କେନିଆର ଫେଥ୍ ଚେରୋଟିଚ ସ୍ୱର୍ଣ୍ଣ, ଇଂଲଣ୍ଡର ଏଲିସ ଥର୍ଣ୍ଣର (୯:୦୫.୪୫ ସେକେଣ୍ଡ) ରୌପ୍ୟ ଏବଂ ଉଗାଣ୍ଡାର ପେରୁଥ ଚେମୁଟାଇ (୯:୦୯.୯୬ ସେକେଣ୍ଡ) ବ୍ରୋଞ୍ଜ ପଦକ ଜିତିଥିଲେ

# ଭାରତୀୟ ଟିମ୍‌ରେ ଗେରୁଆ ରଙ୍ଗର ଜର୍ସିକୁ ନେଇ ବିବାଦ


ନୂଆଦିଲ୍ଲୀ.,୩୦ ।୭: ଏଫଆଇଏଚ୍ ହକି ବିଶ୍ୱକପ୍ ୨୦୨୬ ପୂର୍ବରୁ ଭାରତୀୟ ଟିମ୍‌ର ଜର୍ସିକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି । ଦଶକ ପୁରୁଣା ନୀଳ ରଙ୍ଗର ଜର୍ସିରେ ଖେଳୁଥିବା ଭାରତୀୟ ହକି ଟିମ୍ ଏବେ ବିଶ୍ୱକପ୍‌ରେ ମୁଖ୍ୟ ଭାବରେ ଗେରୁଙ୍ଗ ରଙ୍ଗର ଜର୍ସି ପିନ୍ଧିଥିବାର ଦେଖିବାକୁ ମିଳିବ । ହକି ଇଣ୍ଡିଆର ଏହି ନିଷ୍ପତ୍ତି କ୍ରୀଡା ଜଗତରେ ବିବାଦର କାରଣ ପାଲଟିଛି । ସବୁଠାରୁ ଅଧିକ ଖୋଲାଖୋଲି ଭାବରେ ବିରୋଧ କରିଥିବା ଲୋକଙ୍କ ଭିତରେ ଭାରତର ପୂର୍ବତନ କ୍ୟାପଟେନ୍ ବିରେନ୍ ରାସାକିହ୍ନା ରହିଛନ୍ତି । ସୋସିଆଲ ମିଡିଆରେ ନିଜର ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ଭାରତୀୟ ଟିମ୍‌ର



ପରିଚୟ ସବୁବେଳେ ନୀଳ ରଙ୍ଗର ଜର୍ସି ରହିଛି । ଏହି ପରିବର୍ତ୍ତନର କାରଣ ବୁଝାପଡୁନି ।ସେ ଏକ୍ସରେ ଲେଖିଛନ୍ତି, ମୋତେ ଏହା କହିବାକୁ ପଡୁଛି ଯେ, ହକି ଇଣ୍ଡିଆ ଭାରତ ପାଇଁ କେଣସି ଭଲ କାମ କରିଛି, କିନ୍ତୁ ଏହି ନିଷ୍ପତ୍ତି ଲଜ୍ଜାଜନକ । ଭାରତୀୟ ଟିମ୍‌ର ଐତିହ୍ୟ ଓ ପରିଚୟ ସବୁବେଳେ ନୀଳ ଜର୍ସି ରହିଛି । ମୁଁ ବହୁ ବର୍ଷ ଯାଏ ଗର୍ବର ସହିତ ନୀଳ ଜର୍ସି ପିନ୍ଧିଛି । ପ୍ରଶଂସକ ମଧ୍ୟ ଭାରତୀୟ ଟିମ୍‌କୁ ନୀଳ ଜର୍ସିରେ ଦେଖିବାକୁ ଚାହାନ୍ତି । ତେଣୁ ନାରଙ୍ଗି (ଗେରୁଆ) ରଙ୍ଗ କାହିଁକିପ ବିରେନ ରାସାକିହ୍ନାଙ୍କ ମତରେ ଭାରତୀୟ ହକି ଟିମ୍, ନୀଳ ଜର୍ସି କେବଳ ରଙ୍ଗ ନୁହେଁ,ବଂର ଦଶକ ଧରି ଚାଲିଆସୁଥିବା ପରିଚୟ ଓ ଐତିହ୍ୟର ଅଂଶ । ଅଲମ୍ପିକରୁ ନେଇ ବିଶ୍ୱକପ୍ ଓ ଏସିଆଡ୍ ଖେଳ ପର୍ଯ୍ୟନ୍ତ ଭାରତୀୟ ଟିମ୍‌କୁ ଏହି ରଙ୍ଗରେ ଦୁନିଆ ଦେଖୁଛି । ଏଭଳି ସ୍ଥିତିରେ ବିଶ୍ୱକପ୍ ଭଳି ବଡ ଟୁର୍ଣ୍ଣାମେଣ୍ଟର ଠିକ୍ ପୂର୍ବରୁ ଜର୍ସିର ରଙ୍ଗ ବଦଳାଇବାର ନିଷ୍ପତ୍ତି ବହୁ ପୂର୍ବତନ ଖେଳାଳି ଓ ପ୍ରଶଂସକଙ୍କୁ ଚକିତ କରିଛି । ବିରେନ୍‌ଙ୍କ ଟିପ୍ପଣୀ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ଭାରତୀୟ ହକିର ସ୍ୱର୍ଣ୍ଣିମ ସମୟର ଅଂଶ ରହିବା ପରେ ସେ ଦେଶର ନେତୃତ୍ୱ ନେଇଛନ୍ତି । ଜୁନିର ବିଶ୍ୱକପ୍ ୨୦୦୧ ଜିତିଥିବା ଭାରତୀୟ ଟିମ୍‌ର ସେ ସଦସ୍ୟ ରହିସାରିଛନ୍ତି । ଏହାପରେ ସିନିୟର ଟିମ୍‌ର କ୍ୟାପଟେନ୍ ବି ଥିଲେ । ସେ ଏଥେନ୍ସ ଅଲମ୍ପିକ ୨୦୦୨୪, ମେନ୍ସ ହକି ବିଶ୍ୱକପ୍ ୨୦୦୬ ଓ ଚାମ୍ପିଆନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ସେ ତାଙ୍କ ସମୟର ସର୍ବଶ୍ରେଷ୍ଠ ମିଡ୍ ଫିଲ୍ଡର୍ସ ଭାବରେ ପରିଚିତ ।

# କୋହଲିଙ୍କ ଗୋଟିଏ 'ଲାଇକ' ବଦଳାଇ ଦେଲା ଜୀବନ

ନୂଆଦିଲ୍ଲୀ,୩୦ ।୭ :ସୋସିଆଲ ମିଡିଆ ଜଗତରେ ଗୋଟିଏ 'ଲାଇକ' କାହାର ଜୀବନ ବଦଳାଇପାରେ । ଏହାର ଏକ ପ୍ରମୁଖ ଉଦାହରଣ ହେଉଛନ୍ତି ଲିଜ । ଜଣେ ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଜର୍ମାନ ମଡେଲ, ଗାୟିକା ଏବଂ କ୍ରୀଡା ଉପସ୍ଥାପିକା ଲିଜ କୁହନ୍ତି ଯେ, ବିରାଟ କୋହଲି ତାଙ୍କର ଏକ ଇନଷ୍ଟାଗ୍ରାମ ପୋଷ୍ଟକୁ ଲାଇକ କରିବା ପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇଥିଲା । ଆଜି, ଇନଷ୍ଟାଗ୍ରାମରେ ତାଙ୍କର ୫ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି ଏବଂ ସେ କ୍ରିକେଟ ଜଗତରେ ଜଣେ ଜଣାଶୁଣା ଚେହେରା ପାଲଟିଛନ୍ତି ।



ଲିଜ ବର୍ଣ୍ଣନା କରିଛନ୍ତି, ବିରାଟ କୋହଲି ତାଙ୍କ ଇନଷ୍ଟାଗ୍ରାମ ଫଟୋକୁ ଲାଇକ କରିବାର କିଛି ଘଣ୍ଟା ମଧ୍ୟରେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ନୂତନ ଫଲୋଅର୍ସଙ୍କ ସୁଅ ଛୁଟୁଛି । ଜର୍ମାନୀ ଏବଂ ଦକ୍ଷିଣ ଆଫ୍ରିକାର ଗଣମାଧ୍ୟମ ତାଙ୍କ ବିଷୟରେ କାହାଣୀ ପ୍ରକାଶ କରିଥିଲା ଏବଂ ସେ ଚର୍ଚ୍ଚାର ପରିସରକୁ ଆସିଥିଲେ ।ଲିଜଙ୍କ ଅନୁଯାୟୀ, ସେ ପୂର୍ବରୁ ମଡେଲିଂ ଏବଂ ବ୍ଲଗିଂରେ ଜଡିତ ଥିଲେ । କିନ୍ତୁ ଏତେ ପ୍ରସିଦ୍ଧି ଅର୍ଜନ କରି ନ ଥିଲେ । ବିରାଟ କୋହଲିଙ୍କ ସେହି 'ଲାଇକ' ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କରିଥିଲା, ଯାହା ସେ କେବେ କଳ୍ପନା ମଧ୍ୟ କରି ନ ଥିଲେ ।ଲୋକପ୍ରିୟତା ହାସଲ କରିବା ପରେ, ଅନେକ ସାମ୍ବାଦିକ ତାଙ୍କ ସହିତ ଯୋଗାଯୋଗ କରିଥିଲେ । ଜଣେ ସାମ୍ବାଦିକ ବିରାଟ କୋହଲିଙ୍କ ପ୍ରତିଛବିକୁ ଖରାପ କରିବା ପାଇଁ ତାଙ୍କୁ ଟଙ୍କା ମଧ୍ୟ ଦେଇଥିଲେ । ସେ ତୁରନ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ।ଲିଜ କହିଛନ୍ତି ଯେ, ମିଛ କହିବା କିମ୍ବା କାହାର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ପାଇଁ ମିଛ ପ୍ରଚାର କରିବା ତାଙ୍କ ନୀତିଶାସ୍ତ୍ର ବିରୋଧରେ । ସେ କେବଳ ଲୋକପ୍ରିୟତା କିମ୍ବା ଟଙ୍କା ପାଇଁ ତାଙ୍କ ନୀତି ସହିତ ସାଲିସ କରିବେ ନାହିଁ ।

# ଫାଇନାଲରେ 'ଗୋଲଡେନ୍ ବୟ' ନୀରଜ ଚୋପ୍ରା

ନୂଆଦିଲ୍ଲୀ,୩୦।୭ : ନୀରଜ ଚୋପ୍ରାଙ୍କ ସମେତ ରୋହିତ ଯାଦବ ଓ ଯଶବୀର ସିଂହ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ର ପୁରୁଷ ଜାଭେଲିନ୍ ଥ୍ରୋ ସ୍ପର୍ଦ୍ଧାର ଫାଇନାଲ୍ ପାଇଁ କ୍ୱାଲିଫାଇ କରିଛନ୍ତି । ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ୍ ନୀରଜ ଚୋପ୍ରା ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ରେ ନିଜର ଅଭିଯାନ ପ୍ରଥମ ରାଉଣ୍ଡରେ ୭୬.୨୮ ମିଟର ଥ୍ରୋ ସହ ଆରମ୍ଭ କରିଥିଲେ । ପରେ ଦ୍ୱିତୀୟ ପ୍ରୟାସରେ ସେ ୭୯.୬୧ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଥିଲେ । ଏହି ୭୯.୬୧ ମିଟରର ଶ୍ରେଷ୍ଠ ଥ୍ରୋ ସହ ପଞ୍ଚମ ସ୍ଥାନରେ ରହି ନୀରଜ ସହଜରେ ଫାଇନାଲରେ ନିଜ ସ୍ଥାନ ପାଇଛନ୍ତି । ନୀରଜ ଚୋପ୍ରାଙ୍କ ସହ ଭାରତର ରୋହିତ ଯାଦବ (୭୮.୩୭ ମିଟର) ଏବଂ ଯଶବୀର ସିଂହ (୭୮.୩୬ ମିଟର) ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଯଥାକ୍ରମେ ନବମ ଓ ଦଶମ ସ୍ଥାନ ହାସଲ କରି ଫାଇନାଲକୁ କ୍ୱାଲିଫାଏ କରିଛନ୍ତି ।



ଅନ୍ୟପଟେ, ପାକିସ୍ତାନର ଅରଶଦ ନଦୀମ ନିଜର ପ୍ରାରମ୍ଭିକ ପ୍ରୟାସ ପରେ ଆଉ ସୁଧାର କରିପାରି ନଥିଲେ ଏବଂ ୭୮.୬୩ ମିଟର ଥ୍ରୋ ସହ ସପ୍ତମ ସ୍ଥାନରେ ରହି ଆଗକୁ ବଢ଼ିଛନ୍ତି । କ୍ୱାଲିଫାଇଂ ରାଉଣ୍ଡରେ ଶ୍ରୀଲଙ୍କାର ରୁମେଶ ପାଥିରାଗେ ୮୨.୮୪ ମିଟର ଥ୍ରୋ ସହ ଶୀର୍ଷରେ ରହିଥିବା ବେଳେ ଗ୍ରେନାଡାର ଆଣ୍ଡରସନ ପିଟର୍ସ (୮୧.୨୯ ମିଟର), ଦକ୍ଷିଣ ଆଫ୍ରିକାର ଡୋଭ ସ୍ମିଟ୍ (୮୦.୬୪ ମିଟର) ଏବଂ ଇଂଲଣ୍ଡର ବେନ୍ ଇଷ୍ଟ (୮୦.୩୮ ମିଟର) ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ଏହା ବ୍ୟତୀତ ଅଷ୍ଟ୍ରେଲିଆର କ୍ୟାମେରୁନ ମ୍ୟାକଏଣ୍ଟାୟାର୍ (୭୮.୯୧ ମିଟର - ଷଷ୍ଠ), ବାହାମାସର କିଶୋନ୍ ଷ୍ଟ୍ରାଚନ୍ (୭୮.୬୦ ମିଟର - ଅଷ୍ଟମ), ତ୍ରିନିଦାଦ୍ ଆଣ୍ଡ ଟୋବାଗୋର କେଶୋର୍ଣ୍ଣ ୱାଲକଟ୍ (୭୮.୨୬ ମିଟର - ୧୧ତମ ) ଏବଂ ନାଇଜେରିଆର ଚିନେଚେରେମ୍ ନାମଦୀ (୭୫.୨୭ ମିଟର – ୧୨ତମ ) ମଧ୍ୟ ଟପ୍- ୧୨ ଖେଳାଳିଙ୍କ ତାଲିକାରେ ସ୍ଥାନ ପାଇ ଫାଇନାଲ୍ ମୁକାବିଲାରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି ।

**୮ ବର୍ଷ ପରେ ରାଜ୍ୟଗୋଷ୍ଠୀ କ୍ରୀଡା ଖେଳୁଛନ୍ତି ନୀରଜ :** ନୀରଜ ଚୋପ୍ରା ୮ ବର୍ଷର ଦୀର୍ଘ ବ୍ୟବଧାନ ପରେ ରାଜ୍ୟଗୋଷ୍ଠୀ କ୍ରୀଡାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହା ପୂର୍ବରୁ ସେ ଶେଷ ଥର ପାଇଁ ୨୦୧୮ ଗୋଲ୍ଡ କୋଷ୍ଟ କମନୱେଲଥ ଗେମ୍ସରେ ଓହ୍ଲାଇ ଥିଲେ, ଯେଉଁଠାରେ ସେ ୮୬.୪୭ ମିଟରର ଚମତ୍କାର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ନିଜ ନାମରେ କରି ଥିଲେ । ଆଘାତ ସମସ୍ୟା ଯୋଗୁଁ ସେ ୨୦୨୨ ବର୍ମିଂହାମ୍ ଖେଳରେ ଭାଗ ନେଇପାରି ନଥିଲେ । ଏଥର ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ ଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ଅଟୋମେଟିକ୍ କ୍ୱାଲିଫିକେସନ୍ ମାର୍କ ୮୪ ମିଟର ଧାର୍ଯ୍ୟ କରାଯାଇ ଥିଲା । କ୍ୱାଲିଫାଇଂ ରାଉଣ୍ଡରେ ପ୍ରତ୍ୟେକ ଖେଳାଳିଙ୍କୁ ୩ଟି ଲେଖାଏଁ ସୁଯୋଗ ମିଳି ଥିଲା ।

**୯୦ ମିଟର ଅତିକ୍ରମ କରିଥିବା ଏକମାତ୍ର ଭାରତୀୟ :** ନୀରଜ ଚୋପ୍ରାଙ୍କ ନାମରେ ଏକ ଐତିହାସିକ ସଫଳତା ଯୋଡ଼ି ହୋଇ ରହିଛି । ସେ ୯୦ ମିଟରରୁ ଅଧିକ ଦୂରକୁ ଭାଲା ଫିଙ୍ଗି ଥିବା ଭାରତର ଏକମାତ୍ର ଜାଭେଲିନ୍ ଥ୍ରୋଅର୍ । ସେ ୨୦୨୫ ଦୋହା ଡାଏମଣ୍ଡ ଲିଗ୍ ସମୟରେ ୯୦.୨୩ ମିଟର ଥ୍ରୋ ସହ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରି ଥିଲେ । ତାଙ୍କର ଏହି ସଫଳତା ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଆଥଲେଟଙ୍କ ଲାଇନରେ ଦୃଢ ଭାବେ ଛିଡ଼ା କରାଇଛି ।

**ଅଲିମ୍ପିକ୍ସରୁ ଏସିଆନ୍ ଗେମ୍ସ ଯାଏ ସ୍ୱର୍ଣ୍ଣିମ ଯାତ୍ରା :** ଅନ୍ତର୍ଜାତୀୟ ସ୍ତରରେ ନୀରଜ ଚୋପ୍ରାଙ୍କ ପ୍ରଦର୍ଶନ କ୍ରମାଗତ ଭାବେ ଚମତ୍କାର ଓ ଐତିହାସିକ ରହି ଆସିଛି । ସେ ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ୮୭.୫୮ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚି ଥିଲେ । ଏହାପରେ ମଧ୍ୟ ତାଙ୍କର ବିଜୟ ରଥ ଅଟକି ନଥିଲା । ସେ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୩ ଏବଂ ଏସିଆନ୍ ଗେମ୍ସ ୨୦୨୩ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଦେଶ ପାଇଁ ରୌପ୍ୟ ପଦକ ହାସଲ କରିଥିଲେ ।

# ଦୁଲୀପ ଟ୍ରଫି ପୂର୍ବାଞ୍ଚଳ ଦଳରେ ୪ ଓଡିଆ, ପ୍ରୀତମଜିତ ଦାସ ସହକାରୀ କୋଚ୍

କଟକ, ୩୦/୦୭: ଆସନ୍ତା ୨୦୨୬ ଦୁଲୀପ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ଓଡିଶାର ଅଭିଜ୍ଞ ବ୍ୟାଟର୍ ଶୁଭ୍ରାଂଶୁ ସେନାପତି ସ୍ଥାନ ପାଇଛନ୍ତି । ଏହି ପ୍ରତିଯୋଗିତା ଅଗଷ୍ଟ ୨୩ରୁ ସେପ୍‌ଟେମ୍ବର ୧୦ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଆୟୋଜିତ ହେବ । ୧୫ ସଦସ୍ୟ ବିଶିଷ୍ଟ ପୂର୍ବାଞ୍ଚଳ ଦଳରେ ପାଞ୍ଚ ଜଣ ଅନ୍ତର୍ଜାତୀୟ କ୍ରିକେଟର ସ୍ଥାନ ପାଇଛନ୍ତି । ସମ୍ବିତ ଏସ୍.ବରାଳ ଓ ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡ୍‌ବାଏ ଖେଳାଳି ଭାବେ ଚୟନ କରାଯାଇଛି । ଏହାସହ ଓଡିଶାର ପ୍ରୀତମଜିତ ଦାସ ପୂର୍ବାଞ୍ଚଳ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି । ପୂର୍ବାଞ୍ଚଳ ଦଳ ଆସନ୍ତା ଅଗଷ୍ଟ ୨୩ ତାରିଖରେ ଉତ୍ତରାଞ୍ଚଳ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ । ଓଡିଶା କ୍ରିକେଟ ଆସୋସିଏସନ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ପଦାଧିକାରୀ ଓ ସଦସ୍ୟ ଶୁଭ୍ରାଂଶୁ ସେନାପତି, ସମ୍ବିତ ଏସ୍. ବରାଳ, ସ୍ୱସ୍ତିକ ସାମଲ ଓ ପ୍ରୀତମଜିତ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସୂଚନାଯୋଗ୍ୟ, ପୂର୍ବାଞ୍ଚଳ ଦଳରେ ବହୁ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି । ଭାରତୀୟ ୱିକେଟରକ୍ଷକ ବ୍ୟାଟର୍ ଇଶାନ୍ କିଷନ ଅଧିନାୟକ ଓ ବୈଭବ ସୂର୍ଯ୍ୟବଂଶୀ ଉପଅଧିନାୟକ ମନୋନୀତ ହୋଇଛନ୍ତି । ମହମ୍ମଦ ସାମି ଓ ମୁକେଶ କୁମାର ଦଳରେ ମଧ୍ୟ ସାମିଲ୍ ହୋଇଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ